

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 June 2024
Vol.No. 35 ■ No.163 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବରଗଡ଼ରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବ

# ଆମ ସରକାର ଜନତାଙ୍କ ସରକାର: ମୁଖ୍ୟମନ୍ତ୍ରୀ



ବରଗଡ଼, ୧୮/୬ (ନି.ପ୍ର): ପ୍ରଧାନମନ୍ତ୍ରୀ ହେଉଛନ୍ତି ଚାଷୀଙ୍କ ବନ୍ଧୁ। ଚାଷୀମାନଙ୍କର ସବୁ ସହାୟତା ଡିବିଟି ମାଧମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ପହଞ୍ଚିଛି। ପିଏମ୍ କିଷାନ ସମ୍ମାନନିଧି ଯୋଜନା କୃଷକଙ୍କ ବିକାଶ ପାଇଁ ରାସ୍ତା ଖୋଲିଛି। ଆଜି ଏହି ଯୋଜନାରେ ୧୭ତମ କିସ୍ତିରେ ଓଡ଼ିଶାର ୩୧ ଲକ୍ଷ ୬୨ ହଜାର ଚାଷୀ ସମୁଦାୟ ୬୩୨ କୋଟି ୪୮ ଲକ୍ଷ ଟଙ୍କା ପାଇଲେ। ପ୍ରତ୍ୟେକ ଚାଷୀ ୨ ହଜାର ଟଙ୍କା ଲେଖାଏଁ ପାଇଲେ। ଆମ ସରକାର ଜନତାଙ୍କ ସରକାର। ଯେତେବେଳେ ଆପଣ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବେ, ନିଶ୍ଚୟ ପାଇବେ। ଆଜି ବରଗଡ଼ ଜିଲ୍ଲାକୁ ପ୍ରଥମକରି ଗସ୍ତରେ ଆସି ଆୟୋଜିତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବରେ ଯୋଗଦେବା ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଗତ ୨୪ ବର୍ଷ ଭିତରେ ପୂର୍ବ ସରକାର ଚାଷୀଙ୍କୁ ନ୍ୟାୟ ଦେଇପାରିନି। ପୂର୍ବତନ ମୁଖ୍ୟମନ୍ତ୍ରୀ ୧୫ ବର୍ଷ ପୂର୍ବରୁ ବରଗଡ଼ ଆସି ୧୦୦ ଟଙ୍କା ବୋନସ୍ ଘୋଷଣା କରିଥିଲେ। ତାହା ଚାଷୀମାନେ ପାଇଛନ୍ତି କି ବୋଲି ପ୍ରଶ୍ନ କରିବାସହ ପୂର୍ବ ସରକାର ପରବର୍ତ୍ତୀ ସମୟରେ କଟ୍‌ନି ଛଟ୍‌ନିରେ ଚାଷୀଙ୍କଠାରୁ ଓଲଟା ନେଇଗଲେ। କିନ୍ତୁ, ଆମ ସରକାର ଆସିବା ପରେ ପ୍ରଥମଦିନରେ ହିଁ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଆଗାମୀ ଶହେଦିନ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହିତ, ଆଗାମୀ ବଜେଟ୍‌ରେ ସାଧାରଣ ଲୋକଙ୍କ ମତାମତ ନିଆଯିବ। ଖୁବ୍‌ଶୀଘ୍ର ୱେବ୍‌ସାଇଟ୍ ଖୋଲାଯାଇ ଜନତାଙ୍କ ମତ ଅନୁସାରେ ବଜେଟ୍ ପ୍ରସ୍ତୁତ ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ, ବରଗଡ଼ ଜିଲ୍ଲାରେ ୧୨ଟି ବ୍ଲକର ୧ ଲକ୍ଷ ୭୭ ହଜାର ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୧ ଲକ୍ଷ ୨୯ ହଜାର ଚାଷୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ବାଦ୍ ପଡ଼ିଥିବା ପ୍ରାୟ ସାଢ଼େ ୪୦ ହଜାର ଚାଷୀଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ରାଜ୍ୟରେ କୃଷି ଓ କୃଷକର ବିକାଶ ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ, ନିର୍ବାଚନ ଇସ୍ତାହାରରେ ଆମେ ଯାହା ପ୍ରତିଶ୍ରୁତି ଦେଇଥିଲୁ, ତାହା ପାଳନ ହେବ। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆମ ସରକାର ଲୋକଙ୍କ ପାଇଁ କାମ କରିବ ବୋଲି କହିଥିଲେ। ଉତ୍ସବରେ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ନୂତନ ସରକାର ଓ ଡବଲ୍ ଇଂଜିନ ସରକାର ଓଡ଼ିଶାକୁ ଏକ ବିକାଶିତ ରାଜ୍ୟ କରିବ ବୋଲି ଉଦ୍‌ବୋଧନ ▶▶ପୃଷ୍ଠା ୭

# କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ମାମଲା: ଓସେପା ମେରିଟ୍ ଲିଷ୍ଟ କାଏମ



ଭୁବନେଶ୍ୱର, ୧୮/୬ (ନି.ପ୍ର): କନିଷ୍ଠ ଶିକ୍ଷକ ଚୟନ ମାମଲାରେ ଆଜି ଆସିଛି ଗୁରୁତ୍ୱପୂର୍ଣ୍ଣ ରାୟ । ଏହି ମାମଲାର ଶୁଣାଣି କରି ଓସେପାର ମେରିଟ ଲିଷ୍ଟକୁ କାଏମ ରଖିଛନ୍ତି ହାଇକୋର୍ଟ । ଜଣିକିଆ ଖଣ୍ଡପୀଠଙ୍କ ରାୟ ସଂଶୋଧନ କରିଛନ୍ତି ଡିଭିଜନ ବେଞ୍ଚ । ମେରିଟ ସହ ପ୍ରିଫରେନ୍ସକୁ ଗୁରୁତ୍ୱ ଦେଇ ନିଯୁକ୍ତି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ତଥା ମେଧାବୀ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏହି ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ବର୍ଷ ବର୍ଷ ଧରି ଚାକିରି ଅପେକ୍ଷାରେ ଥିବା ବହୁ ଆଶାୟୀ ଖୁବ୍ ଉତ୍ସାହିତ ହୋଇ ପଡ଼ିଛନ୍ତି। ଓସେପା ପକ୍ଷରୁ ୨୦ ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ସେପ୍ଟେମ୍ବର ୧୩ରୁ ଏଥିପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ୨୦୨୩ ଅକ୍ଟୋବର ୧୦ ତାରିଖ ଆବେଦନର ଶେଷ ତାରିଖ ଥିଲା। ବିଭିନ୍ନ ପରୀକ୍ଷା ପରେ ମେରିଷ୍ଟ ଲିଷ୍ଟ ଫଳାଫଳ ପ୍ରକାଶ ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସାର୍ଟିଫିକେଟ ଯାଞ୍ଚ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ନିଯୁକ୍ତି ବିଜ୍ଞପ୍ତି ନିୟମ ଅନୁସାରେ ମେରିଟ ଲିଷ୍ଟ ତାଲିକା ପ୍ରକାଶିତ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ମୂଳ ଅଭିଯୋଗ ଅନୁଯାୟୀ ପ୍ରାୟ ୨୦ ହଜାର ଉର୍ଦ୍ଧ୍ୱ କନିଷ୍ଠ ଶିକ୍ଷକଙ୍କ ପାଇଁ ଓସେପା ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେଥିରେ ଥିବା ଧାରା ୮.୩ ଅନୁଯାୟୀ, ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଜିଲ୍ଲା ଭିତରେ ସୀମିତ ରହିବ । କାରଣ ଏହା ଜିଲ୍ଲାଭିତ୍ତିକ କ୍ୟାଡର । ଏଥିରେ ନିଯୁକ୍ତି ପାଉଥିବା କନିଷ୍ଠ ଶିକ୍ଷକଙ୍କ ଚାକିରି ଆରମ୍ଭ ସହ ଶେଷ ବି ସେହି ଜିଲ୍ଲାରେ ହେବ । ତେଣୁ ଚୟନ ପ୍ରକ୍ରିୟା ବି ଜିଲ୍ଲାୱାରୀ କରିବାର ଆବଶ୍ୟକତା ରହିଛି ବୋଲି ଆବେଦନପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଓସେପା ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ରାଜ୍ୟବ୍ୟାପି ସିଙ୍ଗଲ ମେରିଟ ଲିଷ୍ଟ ପ୍ରକାଶ କରିଥିଲା। ଯାହା ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତ ଉଲ୍ଲଘଂନ କରିଥିଲା। ଏହାକୁ ନେଇ ▶▶ପୃଷ୍ଠା ୭

# ରାଜଧାନୀ ମୁକୁଳା ଡ୍ରେନ୍ ନେଲା ନାବାଳକଙ୍କ ଜୀବନ



ଭୁବନେଶ୍ୱର, ୧୮/୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ମୁକୁଳା ଡ୍ରେନ୍‌ରେ ଭାସି ଯାଇଥିବା ପିଲାର ମୃତ୍ୟୁ ଘଟିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ସୁଲୋଚନା ଦାସ ଏନେଇ ଘୋଷଣା କରିଛନ୍ତି। ମୃତ ଘୋଷଣା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଶୋକର ଛାୟା ଖେଳି ଯାଇଛି। କାନ୍ଦ ବୋବାଳିରେ ଫାଟି ପଡୁଛି ପରିବେଶ। ମୃତ ପିଲାର ନାଁ ଏସ୍‌କେ ରାଜେଶ୍। ତାଙ୍କ ଘର ଲକ୍ଷ୍ମୀସାଗର ୟୁନିଟ-୩ ମସଜିଦ୍ କଲୋନୀରେ। ଆଜି ଅପରାହ୍ନରେ ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଥିଲା। ସେହି ସମୟରେ ଲକ୍ଷ୍ମୀସାଗର ୟୁନିଟ-୩ ମସଜିଦ୍ କଲୋନୀର ଏସ୍‌କେ ରାଜେଶ୍ ଓ ତାଙ୍କ ସାଥୀମାନେ ଡ୍ରେନ୍ ପାଖରେ ଖେଳୁଥିଲେ। ପ୍ରାୟ ସାଢ଼େ ୨ଟାରେ ମୁକୁଳା ଡ୍ରେନ୍‌ରେ ବେଲୁନ୍ ଭାସି ଭାସି ଯାଉଥିଲା। ସେହି ବେଲୁନ୍‌କୁ ଆଣିବା ପାଇଁ ଏସ୍‌କେ ରାଜେଶ୍ ଓ ତାଙ୍କର କିଛି ସାଥୀମାନେ ଡ୍ରେନ୍ ଭିତରକୁ ଯାଇଥିଲା। ବେଲୁନ୍ ଆଣୁଥିବା ବେଳେ ପ୍ରବଳ ବେଗରେ ଆସୁଥିବା ବର୍ଷା ପାଣିରେ ଭାସି ଯାଇଥିଲେ ଏସ୍‌କେ ରାଜେଶ୍। ତାଙ୍କ ସାଥୀମାନେ ବର୍ତ୍ତି ଯାଇଥିଲେ। ସେମାନେ ଚିତ୍କାର କରିବାରୁ ସାହି ଲୋକେ ଉଦ୍ଧାର ପାଇଁ ଡ୍ରେନ୍ ଭିତରେ ପଶିଥିଲେ। ଭାସି ଯାଇଥିବା ପିଲାର ବୟସ ୧୦ରୁ ୧୧ ବର୍ଷ ହେବ। ଖବର ପାଇଁ ଅଗ୍ନିଶମ କର୍ମଚାରୀମାନେ ମୁକୁଳା ଡ୍ରେନ୍ ପାଖରେ ▶▶ପୃଷ୍ଠା ୭

# ବ୍ୟାପୁଛି ଡିପଥେରିଆ: ୨୧ ସଂକ୍ରମିତ ଚିହ୍ନଟ, ମାସ୍କ ପିନ୍ଧିବାକୁ ପରାମର୍ଶ



ଭୁବନେଶ୍ୱର, ୧୮/୬ (ନି.ପ୍ର): ରାଜ୍ୟରେ ସଂକ୍ରମଣର ରୂପ ନେଲାଣି ଡିପଥେରିଆ। ରାୟଗଡ଼ା ପରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାକୁ ମାଡ଼ିଲାଣି ଏହି ରୋଗ । ବର୍ତ୍ତମାନ ସୁଦ୍ଧା ୩ ଜିଲ୍ଲାରେ ୨୧ ସଂକ୍ରମିତ ଚିହ୍ନଟ ହେଲେଣି। ଏହି ରୋଗରେ ୫ ଜଣଙ୍କର ମୃତ୍ୟୁ ହୋଇ ସାରିଥିବା ବେଳେ ଓ ଜଣେ ଗୁରୁତର ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ରାୟଗଡାରୁ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ବନ୍ଧୁଗାଁରୁ ଜଣେ, କଳାହାଣ୍ଡିରୁ ୪ରୁ ୫ ଜଣ ସନ୍ଦିଗ୍ଧ ଡିପଥେରିଆ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ନମୁନା ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜଗଜଉକୁ ପଠାଯାଇଛି। କୋରାପୁଟ ବନ୍ଧୁଗାଁରୁ ଚିହ୍ନଟ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତାଙ୍କୁ ଗକଉଏ ମେଡିକାଲରେ ଭର୍ତ୍ତି କରାଯାଇଛି । ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟବସ୍ଥା ମନିଟର କରୁଛି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । କଳାହାଣ୍ଡିର ସଂକ୍ରମିତଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର ▶▶ପୃଷ୍ଠା ୭

# ବାନ୍ଦିପୋରାରେ ଆତଙ୍କବାଦୀ ଉମର ଲୋନ ନିହତ

ବାନ୍ଦିପୋରା, ୧୮/୬ (ନି.ପ୍ର): ସେନା ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ, ଜୁନ୍ ୧୬ ଓ ୧୭ ତାରିଖ ମଧ୍ୟ ରାତ୍ରରେ ସୁରକ୍ଷା ବଳ ଦ୍ୱାରା ଆରମ୍ଭ ହୋଇଥିବା ମିଳିତ ଅଭିଯାନ ସମୟରେ ବାନ୍ଦିପୋରାର ଅରାଗାମ ଅଂଚଳରେ ଏ ଶ୍ରେଣୀର ଆତଙ୍କବାଦୀ ଉମର ଲୋନ ନିହତ ହୋଇଛି । ବାନ୍ଦିପୋରାରେ ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ବୋଧନ କରି ସେନା କମାଣ୍ଡର ୩ ସେକ୍ଟର- ରାଷ୍ଟ୍ରିୟ ରାଇଫଲ (ଆରଆର) ବିପୁଲ ତ୍ୟାଗୀ କହିଛନ୍ତି ଯେ, ଏହା ସୁରକ୍ଷା ବଳ ନିମନ୍ତେ ଏକ ବଡ ଉପଲବ୍ଧି ଅଟେ । ବାନ୍ଦିପୋରା ଜିଲ୍ଲାର ଅରାଗାମ ଅଂଚଳରେ ଆତଙ୍କବାଦୀ ଗତିବିଧି ବାବଦରେ ଏକ ବିଶେଷ ସୂଚନା ମିଳିବା ପରେ ଭାରତୀୟ ସେନା, ଜମ୍ମୁ-କାଶ୍ମୀର ପୋଲିସ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ) ▶▶ପୃଷ୍ଠା ୭

## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୫ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୧୮/୬ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ




ପିଛା ୮୫ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୧ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

# ପାଣିରେ ପଡ଼ିଲା ୧୨ କୋଟି: ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ବ୍ରିଜ୍

ନୂଆଦିଲ୍ଲୀ, ୧୮/୬ : ସରକାର କା ମାଲ ଦରିଆ ମେ ଡାଲ୍। ଏହାର ଏକ ଜ୍ୱଳନ୍ତ ଉଦହାରଣ ସାମ୍ନାକୁ ଆସିଛି। ପାଣିରେ ପଡ଼ିଛି ୧୨ କୋଟି ଟଙ୍କା। ସରକାରୀ ତହବିଲରୁ ଟଙ୍କା ଖର୍ଚ୍ଚ କରି ନିର୍ମାଣ ଚାଲିଥିବା ଗୋଟିଏ ବ୍ରିଜ୍‌ର କିଛି ଅଂଶ ଉଦଘାଟନ ପୂର୍ବରୁ ହିଁ ଭୁଶୁଡ଼ି ପଡ଼ିଛି। ବିହାରର ଆରାରିଆରେ ଏପରି ଘଟଣା ଘଟିଛି। ବକ୍ରା ନଦୀ ଉପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ ଚାଲିଥିବା ଏହି କଙ୍କ୍ରିଟ ବ୍ରିଜ୍‌ଟି ମାତ୍ର କିଛି ସେକେଣ୍ଡ ମଧ୍ୟରେ ପାଣିରେ ଭୁଶୁଡ଼ି ନଷ୍ଟ ହୋଇଯାଇଛି। ଏହାର ଦୃଶ୍ୟ ମଧ୍ୟ କ୍ୟାମେରାରେ କଏଦ ହୋଇଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ବ୍ରିଜ୍‌ର କିଛି ଅଂଶ ପାଣିରେ ଭୁଶୁଡ଼ି ପଡ଼ିଥିବା ବେଳେ ନଦୀ କୂଳରା କିଛି ଲୋକ ଛିଡ଼ା ହୋଇଛନ୍ତି। ବ୍ରିଜର ବିରାଟ ଏକ ଅଂଶ ଭୁଶୁଡ଼ି ପଡ଼ିଥିଲେ ହେଁ ଏଥିରେ କେହି ବି ମୃତାହତ ହୋଇ ନାହାନ୍ତି। ବିହାରର ଆରାରିଆରେ ଥିବା କୃଷକାନ୍ତା ଓ ସିକଟି ମଧ୍ୟରେ ଯାତାୟାତକୁ ସୁବିଧାଜନକ କରିବା ପାଇଁ ବ୍ରିଜକୁ ନିର୍ମାଣ କରାଯାଇଥିଲା। ଏଥିପାଇଁ ୧୨ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ▶▶ପୃଷ୍ଠା ୭

# ନିଟ୍ ଅନିୟମିତତା ମାମଲା : ଏନ୍‌ଟିଏ, କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟ ନୋଟିସ୍




ନୂଆଦିଲ୍ଲୀ, ୧୮/୬ (ନି.ପ୍ର): ନିଟ୍-ୟୁଜି ୨୦୨୪ ପରୀକ୍ଷା ପରିଚାଳନାରେ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି ଅଭିଯୋଗ ନେଇ ହୋଇଥିବା ଆବେଦନ ଉପରେ ସୁପ୍ରିମ୍‌କୋର୍ଟ ମଙ୍ଗଳବାର ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ନିଟ୍ ଆଶାୟୀ ଓ ସେମାନଙ୍କ ଅଭିଭାବକଙ୍କ ଅଭିଯୋଗ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସାମାନ୍ୟ ଅବହେଳା ମଧ୍ୟ ବରଦାସ୍ତ କରାଯିବା ଉଚିତ ନୁହେଁ। ନିଟ୍ ହେଉଛି ଡାକ୍ତରୀ ଓ ଆନୁଷଙ୍ଗିକ ଶିକ୍ଷା କ୍ଷେତ୍ର ପାଇଁ ଭାରତର ମୁଖ୍ୟ ପ୍ରବେଶିକା ପରୀକ୍ଷା। ଏନ୍‌ଟିଏ ପ୍ରତିବର୍ଷ ଏହି ପରୀକ୍ଷା ଆୟୋଜନ କରିଥାଏ। ଏନ୍‌ଟିଏ ଓ କେନ୍ଦ୍ରକୁ ନୋଟିସ ଜାରି କରି କୋର୍ଟ କହିଛନ୍ତି ଯେ ୦.୦୦୧ ପ୍ରତିଶତ ଅବହେଳା ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଦେଶର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ପାଇଁ ଡାକ୍ତରୀ ପରୀକ୍ଷାର୍ଥୀମାନେ ଯେଉଁ ପରିଶ୍ରମ କରିଥିଲେ ଆମେ ତାହାକୁ ଅଣଦେଖା କରିପାରିବୁ ନାହିଁ। ଜଷ୍ଟିସ ବିକ୍ରମ ନାଥ ଏନ୍‌ଟିଏକୁ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟ ଏହା ଉପରେ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଆଶା କରୁଛନ୍ତି। ଜୁଲାଇ ୮ତାରିଖରେ ଆବେଦନର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଭାରତର ୫୭୧ଟି ସହରର ୪,୭୫୦ଟି କେନ୍ଦ୍ରରେ ମେ ୫ ତାରିଖରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ତେବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ୧୫୬୩ ଜଣ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କକୁ ନେଇ ଅଭିଭାବକ ଓ ଶିକ୍ଷକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଏଜେନ୍ସି ଚଳିତ ମାସ ପ୍ରାରମ୍ଭରେ ସୁପ୍ରିମ୍‌କୋର୍ଟଙ୍କୁ କହିଥିଲା ଯେ ଗ୍ରେସ୍ ମାର୍କ ପାଇଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ବାତିଲ କରାଯାଇଛି । ଏହି ଛାତ୍ରଛାତ୍ରୀମାନେ ଜୁନ୍ ୨୩ରେ ପୁନଃ ପରୀକ୍ଷା ଦେଇପାରିବେ ଏବଂ ଜୁନ୍ ୩୦ ପୂର୍ବରୁ ଫଳାଫଳ ପ୍ରକାଶ ପାଇବ। ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, 'ନିଟ୍ ପରୀକ୍ଷା ପରିଚାଳନାରେ ଅନିୟମିତତା ଅଭିଯୋଗରେ ଏନ୍‌ଟିଏ ଅଧିକାରୀମାନେ ଦୋଷୀ ସାବ୍ୟସ୍ତ ହେଲେ ସରକାର ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସୁପ୍ରିମ୍‌କୋର୍ଟଙ୍କ ସୁପାରିସ କ୍ରମେ ୧୫୬୩ ଜଣ ▶▶ପୃଷ୍ଠା ୭

# ଶପଥନେଲେ ୧୦୧ ବିଧାୟକ: ଅନ୍ୟ ବିଧାୟକ ଶପଥ ନେବେ ଆଜି

## ମୋହନଙ୍କଠାରୁ ଆରମ୍ଭ, ଶେଷରେ ରମାକାନ୍ତ



ଭୁବନେଶ୍ୱର, ୧୮/୬ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନରେ ବିଧାନସଭା ନିର୍ବାଚନ ଜିତିଥିବା ବିଧାୟକଙ୍କ ଭିତରୁ ୧୦୧ଜଣ ଆଜି ବିଧାୟକ ଭାବେ ଶପଥ ନେଇଛନ୍ତି। ଅସ୍ଥାୟୀ ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥ ନେଇଥିବାବେଳେ ଶେଷରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଶପଥ ଗ୍ରହଣ କରିଥିଲେ। ଆଠଗଡ଼ ବିଧାୟକ ତଥା ଅସ୍ଥାୟୀ ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପୂର୍ବରୁ ରାଜ୍ୟପାଳ ଶପଥ ଗ୍ରହଣ କରାଇଥିଲେ। ବୁଧବାର ବାକି ୪୫ଜଣ ବିଧାୟକ ଶପଥ ପାଠ କରିବେ। ଆଜି ବିଧାନସଭାରେ ଅସ୍ଥାୟୀ ବାଚସ୍ପତି ଶ୍ରୀ ସ୍ୱାଇଁଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ମନ୍ତ୍ରୀଗଣ ଆଜି ବାଚସ୍ପତିଙ୍କୁ ବିଧାନସଭାକୁ ସ୍ୱାଗତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, କେତେକ ମନ୍ତ୍ରୀ ଓ ବିଧାୟକମାନେ ବିଧାନସଭା ପରିସରରେ ▶▶ପୃଷ୍ଠା ୭

# ଦୁର୍ଘଟଣା ଜୋନ୍ ପାଲଟିଛି ସୁବାଷ ବୋଷ ଛକ

ପୁରୀ, ୧୮/୬ (ନି.ପ୍ର): ବିଶ୍ୱସ୍ତରୀୟ ସହର ପୁରୀ। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି । ମେଡ଼ିକାଲ ଛକ, ଭିଆଇପି ରୋଡ଼, ବୋଷ ଛକ ଦେଇ ସମୁଦ୍ରକୂଳ ଯାଉଛନ୍ତି। ଆଗକୁ ରଥଯାତ୍ରା । ସାହି ଗଳିକନ୍ଦି ରାସ୍ତା ଅବସ୍ଥା ଶୋଚନୀୟ । ବୋଷ ଛକ ନିକଟ ବରଗଛ ମୂଳେ ଧଳା ବର୍ଡ଼ର ଲାଇନ ପାଖକୁ ଲାଗି ୩ଟି ସ୍ଲାପ ମ୍ୟାନ ହୋଲ ରହିଛି। ଯାନବାହନ ଯିବା ସମୟରେ ଏହି ସ୍ଥାନଟି ସ୍ୱର୍ଣକାତର ଅଂଚଳ ଭାବେ ପରିଚିତ। ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ ଯିବା ସମୟରେ ଯଦି ବାମ ପଟକୁ ସାଇଡ଼ କରି ଯିବେ ତେବେ ନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନ ହେବେ । ସେଠାରେ କାର୍ଯ୍ୟରତ ପୋଲିସ ବରଗଛ ମୂଳେ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ସମୟରେ ବାଇକ୍ ଦୁର୍ଘଟଣା ଏହି ଛକରେ ଘଟି ଜୀବନହାନୀ ହୋଇଥିବାର ନଜିର ରହିଛି । ବରଗଛ ମୂଳେ ଅନେକ ରିକ୍ସା ରଖୁଥିବାରୁ ଓ କେତେକ ବ୍ୟକ୍ତି ଠିଆ ହୋଇ ରହୁଥିବାରୁ ଗାଡ଼ି ଚାଳକମାନେ ଅସାବଧାନତା ଅବଲମ୍ବନ ହୋଇଗଲେ ଲୋକଙ୍କ ଉପରେ ଗାଡ଼ି ମାଡ଼ି ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଡ୍ରିଙ୍କ ଟୁ ଟ୍ୟାପ ବୋର୍ଡ଼ ସହ ଲୁହା ଖୁଂଟ ରହିଥିବାରୁ ତାହା ମଧ ରାସ୍ତାକୁ ଆଶିଂକ ଅବରୋଧ କରୁଛି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା, ବ୍ଲୁ ଫ୍ଲାଗ ବିଚ୍ ଓ ପର୍ଯ୍ୟଟନ କାର୍ଯ୍ୟାଳୟ ରହିଥିବାରୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ସହରବାସୀ ଓ ଜିଲ୍ଲାବାସୀ ସେହି ବାଟ ଦେଇ ଯାଆସ କରୁଛନ୍ତି । ଦୀପ ତଳ ଅନ୍ଧାର ପରି ଏହି ସ୍ଥାନଟିକୁ କାହାର ଦୃଷ୍ଟି ପଡୁନଥିବା ଦେଖାଯାଉଛି ।

# ବିଦ୍ୟୁତ୍ ଆଘାତରେ ନାବାଳକ ମୃତ : ଟାୟାର ଜାଳି ରାସ୍ତା ଅବରୋଧ

ଧର୍ମଶାଳା, ୧୮/୬ (ନି.ପ୍ର): ଯାଜପୁର ଜିଲା ବରୀ ଅଂଚଳରେ ଅଘଟଣ । ବିଦ୍ୟୁତ୍ ଆଘାତରେ ନାବାଳକ ମୃତ। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ଉତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ଟାୟାର ଜାଳି ବରୁହାଁ-ବରୀ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି । ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଥିବା ଜଣାପଡିଛି । ଏଭଳି ଅଘଟଣ ଘଟିଛି ବରୀ ବ୍ଲକ ବାଇଁଶିରିଆ ପଂଚାୟତ ଦୋଳମଣ୍ଡପ ସାହି ଗ୍ରାମରେ । ଗ୍ରାମର ଜଗନ୍ନାଥ ପୃଷ୍ଟିଙ୍କ ଏକମାତ୍ର ୧୦ ବର୍ଷୀୟ ପୁଅ ନରେନ୍ଦ୍ର ବୋଲି ଜଣାପଡିଛି । ସୂଚନା ମୁତାବକ, ଆଜି ଘରେ କେହି ନ ଥିଲେ । ଜଣେ ବିଦ୍ୟୁତ୍ କର୍ମଚାରୀ ଜଗନ୍ନାଥଙ୍କ ଘରକୁ ଯାଇଥିଲେ । ଘରେ କେହି ନ ଥିବାରୁ ଇନଭର୍ଟରରୁ ତାର ଖୋଲିବା ପାଇଁ ବିଦ୍ୟୁତ୍ କର୍ମଚାରୀ ଜଣକ ନରେନ୍ଦ୍ରକୁ କହିଥିଲେ । ନରେନ୍ଦ୍ର ତାର ଖୋଲିବା ସମୟରେ ବିଦ୍ୟତ୍ ସସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ । ବିଦ୍ୟୁତ୍ କର୍ମଚାରୀ ଜଣକ ତାଙ୍କୁ ଉଦ୍ଧାର ନ କରି ଘଟଣାସ୍ଥଳରୁ ପଳାଇ ଯାଇ ଥିଲେ । ଏହା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପଂହଚି ନରେନ୍ଦ୍ରଙ୍କୁ ଉଦ୍ଧାର କରି ତୁରନ୍ତ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଅବସ୍ଥା ସଙ୍କଟାପନ ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଟାୟାର ଜାଳି ବରୁହାଁ-ବରୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିବା କରିଥିଲେ । ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପଂହଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଥିବା ଜଣାଯାଇଛି । ତେବେ ରିପୋର୍ଟ ଲେଖା ହେବା ଯାଏଁ ରାସ୍ତା ଅବରୋଧ ହଟି ନ ଥିବା ଜଣାପଡିଛି । ତେବେ ଏହି ରାସ୍ତା ଅବରୋଧ ଫଳରେ ଉଭୟ ପକ୍ଷରୁ ଶହଶହ ଗାଡି ଚଳାଚଳରେ ବାଧାପ୍ରାପ୍ତ ସୃଷ୍ଟି ହୋଇଛି ।

# ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ଉତ୍ସବ

ପୁରୀ, ୧୮/୬ (ନି.ପ୍ର): ମଙ୍ଗଳବାର ଜ୍ୟୋଷ୍ଠ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିପାଇଁ ଶ୍ରୀମନ୍ଦିର ସିଂହଦ୍ୱାରକୁ ବେଶ୍ ସୁନ୍ଦର ଭାବେ ଫୁଲରେ ସାଜସଜ୍ଜା କରାଯାଇଥିବା ବେଳେ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ଚାଲୁ ରହିଛି। ସକାଳଧୂପ ପୂଜା ବସିବା ସମୟରେ ଦକ୍ଷିଣୀ ଘରେ ମଦନମୋହନଙ୍କ ବେଶ ହୋଇଥିଲା। ଏହାପରେ ମଦନମୋହନ ରତ୍ନ ସିଂହାସନକୁ ବିଜେ କରିଥିଲେ ।

ଭୋଗ ମଣ୍ଡପ ଶେଷ ପରେ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ନୀତିକାନ୍ତି ପାଇଁ ଦର୍ଶନ ବନ୍ଦ ରହିଥିଲା। ମଦନମୋହନ ମହାପ୍ରଭୁଙ୍କ ଠାରୁ ଆଜ୍ଞା ମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ ରୁକ୍ମିଣୀଙ୍କୁ ଦେବା ପରେ ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ।

ଏହାପରେ ବିମାନବଡୁ ସେବକ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରାଇ ଅନ୍ୟାନ୍ୟ ନୀତି ବଢିବା ଉତାରୁ ବେଶ ସମ୍ପନ୍ନ ହୋଇଥିଲା । ପରେ ପୁନର୍ବାର ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହ ମାନଙ୍କୁ ମହାସ୍ନାନ କରାଯାଇ ନୂଆ ଲୁଗା ଲାଗି କରାଯାଇଥିଲା । ସନ୍ଧ୍ୟାଧୂପ ନୀତି ବଢ଼ି ସାରିବା ପରେ ମହାପ୍ରଭୁଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶ୍ରୀମନ୍ଦିରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ସ୍ୱରାଜ୍ ହସ୍ପିଟାଲ୍ ନାଁରେ ସାଂଘାତିକ ଅଭିଯୋଗ: ଚିକିତ୍ସା ଅବହେଳା ଯୋଗୁଁ ମହିଳାଙ୍କ ମୃତ୍ୟୁ

ବଲାଙ୍ଗିର, ୧୮/୬ (ନି.ପ୍ର): ଗର୍ଭବତୀ ମହିଳାଙ୍କୁ ସିଏସ୍ କରିବା ପରେ ଚିକିତ୍ସାରେ ଅବହେଳା କରି ମୃତ୍ୟୁ ମୁଖକୁ ଠେଲିଦେଲା ବଲାଙ୍ଗିର ସ୍ୱରାଜ୍ ହସ୍ପିଟାଲ୍ । ନିଜ ଭଉଣୀଙ୍କୁ ଅକାରଣେ ହରାଇଥିବା ଜଣେ ବଡ଼ ଭଉଣୀ ଏକଥା କହୁଛନ୍ତି । କେବଳ ସେ ମିଡ଼ିଆ ସାମ୍ନାରେ କହିନାହାନ୍ତି, ବଲାଙ୍ଗିର ସଦର ଥାନାରେ ମଧ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି । ରାଉରକେଲାରୁ ଆସିଥିବା ପ୍ରମୋଦିନୀ କୁମ୍ଭାର ବଲାଙ୍ଗିର ସଦର ଥାନା ସାମ୍ନାରେ କୋହଭରା କଣ୍ଠରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଉଣୀ ବେଲପଡ଼ା ଥାନା ମଣ୍ଡଳ ଗ୍ରାମର ଝିଅ ତଥା ପାଟଣାଗଡ଼ର ବୋହୂ ଶ୍ରଦ୍ଧାଞ୍ଜଳି ମହାନନ୍ଦ(୨୩) ବଲାଙ୍ଗିର ସ୍ୱରାଜ ହସ୍ପିଟାଲ୍ରେ ଗତ ୧୨ ତାରିଖ ଦିନ ଠାରୁ ଆଡ଼ମିଟ୍ ହୋଇଥିବା ବେଳେ ସିଏସ୍ ପରେ ତାଙ୍କ ଗର୍ଭରୁ ଏକ ସୁସ୍ଥ ସନ୍ତାନ ମଧ ଜନ୍ମ ନେଇଥିଲା । ହେଲେ ସିଏସ୍ ପରେ ଶ୍ରଦ୍ଧାଞ୍ଜଳିଙ୍କ ଅବସ୍ଥା ଜଟିଳ ହୋଇପଡ଼ିଥିଲା । ଦୀର୍ଘ ୬ ଦିନ ଧରି ସୁସ୍ଥ ହୋଇ ଆସୁଥିବାର ବାହାନା ଦେଖାଇ ସ୍ୱରାଜ ହସ୍ପିଟାଲରେ ଡାକ୍ତରମାନେ ଶ୍ରଦ୍ଧାଞ୍ଜଳିଙ୍କ ପରିବାର ବର୍ଗଙ୍କୁ ମିଛ ଆଶ୍ୱାସନା ଦେଇ ଆସୁଥିବା ବେଳେ ଶ୍ରଦ୍ଧାଞ୍ଜଳିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ଜଟିଳ ହୋଇପଡୁଥିଲା । ଆଇସିୟୁ ଭିତରେ ପେସେଂଟଙ୍କୁ ରଖି ପରିବାର ଲୋକଙ୍କୁ ତାଙ୍କ ପାଖରେ ରହିବାକୁ ଦେଇ ନଥିଲେ ଡାକ୍ତରଖାନା କର୍ମଚାରୀମାନେ ଏବଂ ପରିବାରବର୍ଗଙ୍କୁ ମିଛ ଆଶ୍ୱାସନା ଦେଇ ଆସୁଥିଲେ । ଏପରିକି ଶ୍ରଦ୍ଧାଞ୍ଜଳି୨ ଦିନ ଧରି ବେହୋସ ଥିବା ଅବସ୍ଥା ଦେଖି ବଡ଼ ଭଉଣୀ ଡାକ୍ତରମାନଙ୍କୁ କହିବାରୁ ତାଙ୍କୁ ନିଦ ଔଷଧ ଦିଆଯାଇଥିବା ଡାକ୍ତର କହିଥିଲେ ବଡ଼ ଭଉଣୀଙ୍କୁ ବୋଲି ଅଭିଯୋଗରେ କୁହାଯାଇଛି । ଶ୍ରଦ୍ଧାଞ୍ଜଳିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଲଗାତାର ଅବନତି ଘଟିବା ସତ୍ତ୍ୱେ ଅଧିକ ଚିକିତ୍ସା ପାଇଁ ଅନ୍ୟ କୌଣସି ଡାକ୍ତରଖାନାକୁ ତାଙ୍କୁ ପଠାଇବାକୁ ବାରଣ କରୁଥିଲେ ସ୍ୱରାଜ ହସ୍ପିଟାଲ୍ କର୍ତ୍ତୃପକ୍ଷ ବୋଲି ମଧ ଅଭିଯୋଗ କରାଯାଉଛି । ଅନ୍ୟମାନଙ୍କ ସହଯୋଗରେ ପୁଣି ଚାପ ପକାଇବା ପରେ ଆଜି ଶ୍ରଦ୍ଧାଞ୍ଜଳିଙ୍କୁ ଆଇସିୟୁରୁ ବାହାର କରିବା ବେଳେ ଶ୍ରଦ୍ଧାଞ୍ଜଳିଙ୍କ ମୁହଁ ହାତ ଫୁଲି ସାରିଥିଲା ଏବଂ ସେ ମୃତ୍ୟୁବରଣ କରି ସାରିଥିଲେ ବୋଲି ଶ୍ରଦ୍ଧାଂଜଳିଙ୍କ ବଡ଼ ଭଉଣୀ କହିଛନ୍ତି ।

# ବିଶ୍ୱ ସିକଲ୍ ସେଲ ସଚେତନତା ଦିବସ-୨୦୨୪ ପାଳନ ଉପଲକ୍ଷେ ବୈଠକ

ବଲାଙ୍ଗୀର, ୧୮/୬ (ନି.ପ୍ର): ବିଶ୍ୱ ସିକଲ୍ ସେଲ ସଚେତନତା ଦିବସ-୨୦୨୪ ଜୁନ ୧୮ ଠାରୁ ଆରମ୍ଭ ହୋଇ ରୁ ଜୁଲାଇ ୦୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ସଚେତନତା ଦିବସ ପାଳନ ଉପଲକ୍ଷେ ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ ବଲାଙ୍ଗୀର ଦ୍ୱାରା ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବର୍ତମାନ ସମୟରେ ସିକିଲ ସେଲ ରୋଗ ଓ ରୋଗୀ ସମ୍ପର୍କରେ ବ୍ୟାପକ ଭାବରେ ଜନ ସଚେତନା ସୃଷ୍ଟି କରାଯାଇ ଏହାକୁ ନିୟନ୍ତ୍ରଣ ସମ୍ପର୍କିତ ବାର୍ତାଗୁଡିକ ପ୍ରଚାର ଓ ପ୍ରସାର ପାଇଁ ଏଥିରେ ଗୁରୁତ୍ୱ ଦେବାକୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଡାକ୍ତରଖାନାରେ ରୋଗ ନିରୂପଣ ପାଇଁ ସ୍ୱତନ୍ତ୍ର ଭାବେ ବିଭିନ୍ନ ପରୀକ୍ଷଣ, ପରାମର୍ଶ ଦେବା, ଛାତ୍ର ଛାତ୍ରୀଙ୍କୁ ସଚେତନତା ତଥା ପ୍ରତିଯୋଗିତା, ବରିଷ୍ଠ ନାଗରିକ, ଜନସାଧାରଣଙ୍କୁ ନେଇ ସିକଲ୍ ସେଲ ନିରାକରଣ ସଚେତନତା ସଭାଗୁଡିକ ଆୟୋଜନ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗୀର ଉପଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ପଂଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁର୍ବ ଚରଣ ବେହେରା, ଅତିରିକ୍ତ ଶ୍ରମ ଅଧିକାରୀ କେଶବ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃଷକ କଲ୍ୟାଣ ମଂଚ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, ୧୮/୬ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ଦାବିପତ୍ର ପ୍ରଦାନ କରାଯାଇଛି । ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରାଯାଇଛି । କୃଷକ କଲ୍ୟାଣ ମଂଚ କୋରାପୁଟର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଚାଷି ମାନେ ଆସି ଦାବି ପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନିର୍ବାଚନ ପ୍ରତିଶୃତି ପ୍ରକାରେ ଚାଷୀ ଚଳିତ ରବି ଋତୁରେ ଧାନ ଦର ବଢିଲେ ଧାନ ବିକ୍ରୟ କରି ଅଧିକ ଅର୍ଥ ପାଇବା ଆଶାରେ ଧାନ ବିକ୍ରୟ କରିପାରି ନାହାଁନ୍ତି । ବିଶେଷ କରି କୋରାପୁଟ ଜିଲାରେ ୧୫ ହଜାର ୯୧୯ ଜଣ ଚାଷି ପଞ୍ଜିକରଣ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ୧୨ ଶହ ଚାଷି ଧାନ ବିକ୍ରି କରିଛନ୍ତି । ଯେଉଁ ଚାଷି ବିକ୍ରି କରିଛନ୍ତି ସେମାନେ ନିଜର ଆବଶ୍ୟକତା ଓ ଅଭାବ ପୁରଣ କରିବାକୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ମଣ୍ଡିକୁ କ୍ରୟ କାର ସଂସ୍ଥା, ପ୍ରଶାସନ, ମିଲର ଠିକ ରୁପେ ଆସୁ ନାହାନ୍ତି । ଯେଉଁଠି ଆସୁଛନ୍ତି ୫ରୁ୭ ରୁ କେଜି ଅଧିକ ଧାନ ମାଗୁଛନ୍ତି । ବର୍ତମାନ ଚାଷି ଦ୍ୱନ୍ଦ ଓ ଆଶଙ୍କା ମଧରେ ରହିଛନ୍ତି । ଜିଲାରେ ଯେତିକି ଚାଷୀ ପଞ୍ଜିକରଣ କରିଛନ୍ତି ସେମାନେ ଜୁନ ୩୦ ତାରିଖ ସମୟ ସୀମା ମଧରେ ଧାନ ବିକ୍ରୟ କରିବା କଷ୍ଟସାଧ । ଏନେଇ ଚାଷି ମାନେ ସରକାରଙ୍କୁ ଚଳିତ ରବି ଋତୁରେ ଧାନ କ୍ୱିଂଟାଲ ପିଛା ୩ ହଜାର ୧ ଶହ ଟଙ୍କା କିଣାଯିବା ସହିତ ତୁରନ୍ତ ଧାନ କିଣାଯିବାର ସ୍ୱଷ୍ଟ କରି ନିର୍ଦେଶନାମା ଜାରି କରାଯିବା ସହିତ ଚାଷୀଙ୍କୁ ପଯ୍ୟାୟ କ୍ରମେ ବୋନସ ପ୍ରଦାନ କଲେ ଚାଷି କୁଳ ଉପକୃତ ହେବେ ବୋଲି ଉଲ୍ଲେଖ ରହିଛି ।

ଏହି ଦାବି ପତ୍ରର ନକଲ କୃଷି ମନ୍ତ୍ରୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ, ଜିଲା ଯୋଗାଣ ଅଧିକାରିଙ୍କୁ ପ୍ରଦାନ କରାଯାଇଛି ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ

ଜୟପୁର, ୧୮/୬ (ନି.ପ୍ର): ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ଭି, କୀର୍ତି ଭାଶନଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ ଟା ସମୟରେ ସଦଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ବାତ୍ୟା କିମ୍ବା ଅତ୍ୟଧିକ ବର୍ଷା ହେଲେ ତାର ସଠିକ୍ ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷ କରାଯାଇଥିଲା । ବର୍ଷା, ବନ୍ୟା ପୂର୍ବରୁ ନଦୀବନ୍ଧ ତଥା ସହରାଂଚଳ ନାଳ ମରାମତି, ଜଳ ଅବରୋଧ ସ୍ଥାନ ଚିହ୍ନଟ, ବନ୍ୟା ପ୍ଳାବିତ ଅଂଚଳରେ ଆବଶ୍ୟକ ଔଷଧ, ସାପ କାମୁଡା ଇଞ୍ଜେକ୍ସନ ଓ ଖାଦ୍ୟ ମହଜୁଦ୍ ରଖିବା, ହଇଜା, ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ, ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତୀ କାଳରେ କିଭଳି ପଦ ପଦକ୍ଷେପ ନିଆଯିବ ସେନେଇ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା ।ବନ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା ସୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ଓଆରଏସ୍, ବ୍ଲିଚିଙ୍ଗ୍ ପାଉଡର,ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦ ପଦକ୍ଷେପ, ଦୁର୍ଗମ ଅଂଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ସହ ଆଲୋଚନା କରାଯାଇଥିଲା । ବୈଠକରେ କୋରାପୁଟ ଜିଲ୍ଲାର ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ ଗଣ, କୋରାପୁଟ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଭିନବ ସୋନକର , କୋରାପୁଟ ଉପଜିଲ୍ଲାପାଳ, ବେଣୁଧର ଶବର ଓ ପୌରପାଳିକା ଅଧକ୍ଷ ଶ୍ରୀ ଲଲାଟ ରଞ୍ଜନ ସେଠି, ଜିଲ୍ଲା ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲା ଡି.ଆର.ଆର ସି, ଶ୍ରୀ ଅବନୀ କାନୁ ଭୂୟାଁ, ଓ.ଡ୍ରାଫ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବୀ, ସିଭିଲ ଡିଫେନ୍ସ, ଅଗ୍ନିଶମ ବିଭାଗ ଏବଂ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ ଏବଂ ପରିଶେଷରେ ଡେପୁଟି-ଜିଲ୍ଲାପାଳ, ଜିଲ୍ଲା ଜରୁରୀ କାଳୀନ ବିଭାଗ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଥଖଳା ହାଲଚାଲ୍, ପ୍ରଥମ ଭୂଇଁ ନିର୍ମାଣ କାର୍ଯ୍ୟ ଜାରି

ପୁରୀ, ୧୮/୬ (ନି.ପ୍ର): ଆସନ୍ତା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା। ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ନବଦିନ ବ୍ୟାପୀ ଘୋଷଯାତ୍ରା କରିବେ ଦାରୁବ୍ରହ୍ମ । ସିଂହଦ୍ୱାର ସମ୍ମୁଖରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲି ଅଭିମୁଖେ ବଡ଼ଦାଣ୍ଡରେ ଗଡିବ ତିନି ରଥ । ଏଥିପାଇଁ ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଛି ତିନି ରଥର ନିର୍ମାଣ କାର୍ଯ୍ୟ । ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ସାରିବା ନେଇ ଲକ୍ଷ୍ୟ ରଖାଯାଇଛି । ରଥ ନିର୍ମାଣ ପାଇଁ ପ୍ରାୟ ୨୦୦ ମହାରଣା, ଭୋଇ, କମାର, ରୂପକାର, କରତି ସେବକ, ପହି ମହାରଣା, ବିନ୍ଧ କାରିଗର ସେବକ କାମରେ ଲାଗି ପଡିଛନ୍ତି । ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଗତକାଲି ତିନି ରଥର ଚାରି ନାହାକା ଉଠିବା ପରେ ଆଜି ପ୍ରଥମ ଭୂଇଁ ନିର୍ମାଣ କାର୍ଯ୍ୟ ଚାଲିଛି । ଏହାପରେ ଚଉଦ ନାହାକା ଉଠିବ। ସେହିପରି ଓଝା ତଥା କମାର ସେବକ ଦୋଳବେଦି ଅସ୍ଥାୟୀ କମାର ଶାଳରେ ବିଭିନ୍ନ ସାଇଜ୍ ର କଂଟା ନିର୍ମାଣରେ ନିମଗ୍ନ ଅଛନ୍ତି ।

# ପ୍ରତ୍ୟେକ ବ୍ୟକ୍ତି ୫ ଗୋଟି ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଲେ ବାବା ବଳିଆ

ଜୟପୁର, ୧୮/୬ (ନି.ପ୍ର): ଅନନ୍ତ ବଳିଆ ଟ୍ରଷ୍ଟ ଓ ବିଶ୍ୱ ସନାତନ ସେବା ସଂଘ ପକ୍ଷରୁ ପରିବେଶ, ଗଣତନ୍ତ୍ର ଓ ଧର୍ମ ଉପରେ ସଚେତନତା ପାଇଁ ଆଜି ଜୟପୁର ସ୍ଥିତ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଛି । ଏଥିରେ ବାବା ବଳିଆ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଗଣତନ୍ତ୍ର କହିଲେ, କେବଳ ତାହା ମାନବ ସମାଜ ପାଇଁ ଉଦ୍ଦିଷ୍ଟ ନୁହେଁ । ପ୍ରକୃତ ଗଣତନ୍ତ୍ର କହିଲେ ଜଙ୍ଗଲର ସୁରକ୍ଷା, ପଶୁ ପକ୍ଷୀ ମାନଙ୍କ ସୁରକ୍ଷା, ଜଳ, ବାୟୁ, ମାଟି ପ୍ରକୃତିକୁ ପ୍ରଦୁଷଣ ମୁକ୍ତ କରିବା । ସମୟ କ୍ରମେ ପ୍ରକୃତିରୁ ଜନ୍ମିତ ବହୁ ଔଷଧୀୟ ବୃକ୍ଷ ଲୋପ ପାଇ ଗଲାଣି । ପ୍ରଶସ୍ତ ରାସ୍ତା, ବିଶାଳ କୋଠା ମାନ ନିର୍ମାଣ ପାଇଁ ମନୁଷ୍ୟ ଜଙ୍ଗଲ ପଦା କରୁଛି । ଫଳରେ ପରିବେଶ ନଷ୍ଟ ହେବାରେ ଲାଗିଛି । ବର୍ତମାନ ସମୟରେ ଅନୁଭବ ହେଉଥିବା ଅସହ୍ୟ ଗରମ ମଧ ଏହାର ଏକ ମୁଖ୍ୟ କାରାଣ ବୋଲି ବାବା ବଳିଆ କହିଛନ୍ତି । ତେଣୁ ପ୍ରତ୍ୟେତ ବ୍ୟକ୍ତି ୫ଟି ଲେଖାଏଁ ବୃକ୍ଷ ରୋପଣ କରିବା ସହ ଏହାର ଯତ୍ନ ନେବା ଆବଶ୍ୟକ ବୋଲି ସେ କହିଛନ୍ତି । ଏହାଦ୍ୱାରା ବିଶ୍ୱ ଶାନ୍ତି ଠାରୁ ଆରମ୍ଭ କରି ପରିବାରରେ ମଧ ଶାନ୍ତି, ପରଲିକ୍ଷିତ ହେବ ବୋଲି ବାବା ବଳିଆ କହିଛନ୍ତି । ସମଗ୍ର ବିଶ୍ୱରେ ଗୋଟିଏ ଧର୍ମ ସନାତନ ଧର୍ମ ବୋଲି କହିବା ସହ ଧର୍ମର ପ୍ରତିକ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଆକାଶ, ବାୟୁ, ଜଳ, ଅଗ୍ନି କୁ ଉପାସନା କରିବା ଆବଶ୍ୟକ ରହିଛି ବୋଲି କହିଛନ୍ତି । ଏଥିସହ ପ୍ରକୃତର ମଧ ସୁରକ୍ଷା କଲେ ମଣିଷ ଜୀବନ ସାର୍ଥକ ହେବ ବୋଲି ବାବା ବଳିଆ କହିଛନ୍ତି ।

# ଠକେଇ ଅଭିଯୋଗରେ ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ, ୧୮/୬ (ନି.ପ୍ର): ପାଣିକୋଇଲି ପୁଲିସ ଠକେଇ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ ଅନୁଗୁଳ ଜିଲ୍ଲା ବଗଡ଼ିଆ ଥାନା ଅଧିନସ୍ଥ ଶ୍ରୀନିବାସ ପ୍ରଧାନଙ୍କ ପୁଅ କୃଷ୍ଣ ଚନ୍ଦ୍ର (୩୩) ମାକ୍ରେଟ ପ୍ଲସ (ଅନଲାଇନ)ରେ ବିକ୍ରି ହେବାକୁ ଥିବା ଏକ କାରକୁ କିଣିବା ଲାଗି ମନସ୍ଥ କରି କାରର ବିକ୍ରି ଲାଗି ସୁଚନା ଦେଇଥିବା କଟକ ଜିଲ୍ଲା ମଙ୍ଗଳାବାଗ ଥାନା ଅଂଚଳର ମାଳଦାସାହିର ଅଭୟ କୁମାର ଦାସଙ୍କ ପୁଅ ପ୍ରିୟବ୍ରତ(୨୫) ଓରଫ କ୍ରିଷ୍ଣା ସହିତ ଯୋଗଯୋଗ କରିଥିଲେ। ପରେ କ୍ରିଷ୍ଣା ଏ ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଠାରେ ଥିବା ଗଜାନନ ଷ୍ଟକୟାର୍ଡ଼କୁ ଆସି କାରଟିକୁ ଦେଖିବା ଲାଗି କହିଥିଲା। ତେବେ ଗତ ୧୬ ତାରିଖ ଦିନ ୧୧ଟା ସମୟରେ କୃଷ୍ଣ ଚନ୍ଦ୍ର ଗଜାନନ ଷ୍ଟକୟାର୍ଡ଼କୁ ଆସି (ଓଡ଼ି ୦୨ ଏଏକ୍ସ୪୩୫୦)କୁ ଦେଖିଥିଲେ। ପରେ କାରଟି ତାଙ୍କର ମନକୁ ଗଲା ପରେ କୃଷ୍ଣ ଚନ୍ଦ୍ର ଓ ପ୍ରିୟବ୍ରତ ଉଭୟ ଓକିଲଙ୍କ ନିକଟରେ ଆଫିଡ୍ରେଭିଟ କରିବା ପରେ ଷ୍ଟକୟାର୍ଡ଼କୁ ଫେରି ପ୍ରିୟବ୍ରତକୁ ଚୁକ୍ତି ମୁତାବକ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପରେ ପ୍ରିୟବ୍ରତ ଖାଇବାକୁ ଯାଉଛି ଆସିଲେ କାର ନେବେ ବୋଲି କହି ଫେରାର ହୋଇଯାଇଥିଲା ଓ ନିଜ ମୋବାଇଲ ଫୋନ ସ୍ୱିଚ ଅଫ କରିଦେଇଥିଲା। ପରେ ଷ୍ଟକୟାର୍ଡ଼ରେ ଲାଗିଥିବା ସିସିଟିଭି ଫୁଟେଜରୁ ପ୍ରିୟବ୍ରତ (ଓଡ଼ି ୨୨ଭି୩୫୨୩) ନମ୍ବର କାରରେ ପଳାଇ ଯାଇଥିବାର ଦେଖିଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ପ୍ରିୟବ୍ରତ ନ ଫେରିବାରୁ ବାଧ୍ୟ ହୋଇ କୃଷ୍ଣଚନ୍ଦ୍ର ପାଣିକୋଇଲି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ପଂଜୀକୃତ ହେବା ପରେ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ ମତେ ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ବିଶ୍ୱରଂଜନ ଦାସ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିବା ସହିତ ପ୍ରିୟବ୍ରତର ମୋବାଇଲ ନମ୍ବରକୁ ଟ୍ରାକିଂ କରିବା ସହ ପରିବାର ସହିତ ଗୋଆ ବୁଲିବାକୁ ଯିବା ଲାଗି ଭୁବନେଶ୍ୱର ବିମାନବନ୍ଦରକୁ ଯିବା ବାଟରେ ପାହାଳ ନିକଟରୁ ଗିରଫ କରିଥିଲେ। ପରେ ପ୍ରିୟବ୍ରତ ନିଜର ଦୋଷ ସ୍ୱୀକାର କରିଥିଲା। ପୁଲିସ ତା ନିକଟରୁ ୧,୫୩,୫୦୦ଟଙ୍କା ଜବତ କରିବା ସହିତ ତାକୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଶ୍ରୀ ଦାସ ଜଣାଇଛନ୍ତି।

# ଭାରସାମ୍ୟ ହରାଇ ଡ଼ିଭାଇଡ଼ରକୁ ପିଟିଲା କଂଟେନର

କୋରେଇ, ୧୮/୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ଉପରେ ଏକ କଂଟେନର ଟ୍ରକ ଭାରସାମ୍ୟ ହରାଇ ଡ଼ିଭାଇଡ଼ରକୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରକାଶଯେ ଆନ୍ଧ୍ରପ୍ରଦେଶରୁ ମାଛ ନେଇ କଲିକତା ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ କଂଟେନର (ଏପି୩୭ଟିଜେ ୧୧୫୫) ମଙ୍ଗଳବାର ଭୋର ସମୟରେ ଭାରସାମ୍ୟ ହରାଇ ରାଜପଥର ମଝି ଡ଼ିଭାଇଡ଼ର ଉପରକୁ ଚଢାଇ ଦେଇଥିଲା। ଉକ୍ତ ଦୁର୍ଘଟଣାରେ କଂଟେନରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ କିମ୍ବା ଖଲାସୀଙ୍କର କିଛି କ୍ଷତି ଘଟିନଥିବା ଜଣାପଡ଼ିଛି ।

# ଚାଷୀ ଖାତାକୁ ଗଲା ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାର ୧୭ମ କିସ୍ତି

କେନ୍ଦୁଝର , ୧୮/୬ (ନି.ପ୍ର): ବାରଣାସୀର ଏ କ ସ୍ୱତନ୍ତ୍ର ଉତ୍ସବରେ ଆଜି ଚାଷୀଙ୍କ ବ୍ୟାଙ୍କ ଆକାଉଟଂକୁ ଯାଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ସପ୍ତଦଶ କିସ୍ତି ଅର୍ଥ । ୧୭ତମ କିସ୍ତି ଦେଶର ୯ କୋଟି ୨୬ ଲକ୍ଷ ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଁଏ ହିସାବରେ ପ୍ରାୟ ୨୦ ହଜାର କୋଟି ଟଙ୍କା ସିଧାସଳଖ ପଠାଯାଇଛି । ଏଥିରେ କେନ୍ଦୁଝର ଜିଲ୍ଲାର ପ୍ରାୟ ଏକ ଲକ୍ଷ ସାତ ହଜାର ଚାଷୀ ଉପକୃତ ହୋଇଛନ୍ତି । ୦୦୦୦୦କେନ୍ଦୁଝର ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ , ଜିଲିଲାପାଳ ବିଶାଳ ସିଂହ , ଜିଲ୍ଲା ପରିଷଦ ମୁଖ୍ୟ ତଥା ତଥା ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ , ଆଇଏଏସ ପ୍ରବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରଓ୍ୱାଲ ଉପସ୍ଥିତ ଚାଷୀ ଭାଇ ଭଉଣୀ ଓ କୃଷି ସଖି ମାନଙ୍କ ସହିତ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡି ହୋଇଥିଲେ ।

# କେନ୍ଦୁଝର ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

କେନ୍ଦୁଝର, ୧୮/୬ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୁପକ୍ଷ, କେନ୍ଦୁଝରଙ୍କ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କେନ୍ଦୁଝର ସଦର ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଅଧ୍ୟକ୍ଷତା କରିଥିଲେ । ଆଇଏଏସ ପ୍ରୋବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରବାଲ ଉପସ୍ଥିତ ଥିଲା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀମତୀ ଜେ କଳ୍ପନା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବଲ ସଭା ପରିଚାଳନା କରିଥିଲେ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଏବଂ ଏନଡ଼ିଆରଏଫର ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ ଏବଂ ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ ଓ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ବିପର୍ଯ୍ୟୟ ପୂର୍ବ ଓ ପରବର୍ତୀ ସମୟରେ ନିଜ ନିଜ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ଏବଂ ସେ ସମ୍ବନ୍ଧିତ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ । ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ଲୋକଙ୍କ ପାଖରେ ପହଂଚାଇବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା, ଶୁଖିଲା ଖାଦ୍ୟ ଏବଂ ଅତ୍ୟାବଶକୀୟ ସାମଗ୍ରୀ ମହଜୁଦ ରଖିବା, ଶିଶୁ ଓ ମହିଳାଙ୍କୁ ବିଶେଷ ଧ୍ୟାନ ଦେବା, ପ୍ରାଣୀସମ୍ପଦର ସୁରକ୍ଷା ନେବା, ସ୍କୁଲ ଗୁଡିକକୁ ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯିବା, ସଂକ୍ରାମକ ରୋଗ ବ୍ୟାପିବାରୁ ଅଟକେଇବା ଲାଗି ପର୍ଯ୍ୟାପ୍ତ ଟୀକା ଓ ଔଷଧ ମହଜୁଦ ରଖିବା, ବିପର୍ଯ୍ୟୟ ପରବର୍ତୀ କାଳରେ ବାଧାପ୍ରାପ୍ତ ବିଦ୍ୟୁତ ସରବରାହର ପୁନଃ ସ୍ଥାପନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ଇତ୍ୟାଦି ଭଳି ଗୁରୁତ୍ୱପୂର୍ଣ ବିଷୟ ଉପରେ ସବିଶେଷ ଆଲୋଚନା ହୋଇଥିଲା । ପର୍ଯ୍ୟବେକ୍ଷକ ଭାବେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୁପକ୍ଷଙ୍କ ଅଧିକାରୀ ସମ୍ପଦ କୁମାର ଦଳାଇ ବୈଠକରେ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସବୁ ବିଭାଗ ନିଜ ନିଜ ଭିତରେ ସମନ୍ୱୟ ରଖି ଯେକୌଣସି ବିପର୍ଯ୍ୟୟର ଉଚିତ ମୁକାବିଲା କରି ଧନଜୀବନ ହାନି ହେବାରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟକି ଆସନ୍ତାକାଲି ଅଗ୍ନିଶମ ବିଭାଗ, ଏନଡ଼ିଆରଏଫ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଂଟର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନାର ମକ ଡ୍ରିଲ ଆୟୋଜିତ ହେବ । ଏଥିସହ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକ, ଏନଏସି ଓ ମ୍ୟୁନିସିପାଲିଟି ସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅଧିକାରୀଙ୍କ ମଧ୍ୟରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହେବ ।

## ଗାଜର, ବ୍ରୋକଲି ଏବଂ ବିଲାତି ବାଇଗଣ ଖାଇ ଏଡ଼େଇ ଦେଇ ହେବ ଏହି ରୋଗ

ହୃଦ୍ ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ପିଲାରୁ ନେଇ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଏବେ ଏହି ରୋଗ ଦେଖିବାକୁ ମିଳୁଛି। ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ। ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା। ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା।



♦ ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ। ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ। ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ।

♦ ବିଲାତି ବାଇଗଣ ଖାଇବା ମଧ ଖୁବ୍ ଉପକାରୀ। ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। କଞ୍ଚା ବିଲାତି ବାଇଗଣ ଖାଇବା ବି ଖୁବ୍ ଭଲ।

♦ ବ୍ରୋକୋଲି ଏକ ଖୁବ୍ ଭଲ ପରିବା। ଏଥିରେ ଥିବା ଭିଟାମିନ୍ ସି ହୃଦ୍ ରୋଗ ଦମନ କରିବା ପାଇଁ ଯଥେଷ୍ଟ।

♦ ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ। ଏହା କେବଳ ହୃଦ୍ ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ।

♦ ପିଆଜ ଓ ରସୁଣ ବି ହୃଦ୍ ରୋଗୀଙ୍କ ପାଇଁ ଭଲ ହୋଇଥାଏ। ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ।

♦ ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି। ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍ ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ।

## ‘ରାମାୟଣ’ର ସମୁଦ୍ର ଓ ‘ଭାଗବତ’ର ନଦୀ

ଆଦିକବି ବାଲ୍ମୀକିଙ୍କ ‘ରାମାୟଣ’ ତ୍ରେତୟା ଯୁଗର ଶ୍ରୀରାମଙ୍କ କଥା। ବ୍ୟାସଦେବଙ୍କ ‘ଶ୍ରୀମଦ୍‌ଭାଗବତ’ ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କର ଗାଥା। ଏ ଦୁଇ ଯୁଗର ଦୁଇ ନାୟକଙ୍କ ମଧରେ ଗୋଟିଏ ସୁନ୍ଦର ସଂଯୋଗ ସୂତ୍ର ‘ଶ୍ରୀମଦ୍‌ଭାଗବତ’ରେ ବର୍ଣ୍ଣିତ ହୋଇଛି। ମଥୁରାରେ, କଂସ ବନ୍ଦୀଶାଳାରେ ଶ୍ରୀକୃଷ୍ଣ ଜନ୍ମହେବା ସମୟର କଥା। ‘ଶ୍ରୀମଦ୍‌ଭାଗବତ’ର ଦଶମ ସ୍କନ୍ଧ, ଚତୁର୍ଥ ଅଧ୍ୟାୟରେ ବ୍ୟାସଦେବ ବର୍ଣ୍ଣନା କରିଛନ୍ତି- ଯୋଗମାୟାଙ୍କ ପ୍ରଭାବରେ କଂସ କାରାଗାରର ପ୍ରହରୀମାନେ ଅଚେତନ ହୋଇ ଶୋଇ ରହିଲେ। ବିଶାଳ ଲୁହା କବାଟ, ଲୁହା କିଳିଣୀ ଓ ଶକ୍ତ ଶିକୁଳିଦ୍ୱାରା କାରାକକ୍ଷ ବନ୍ଦ ରହିଥିଲା। ତାହା ତତ୍‌କ୍ଷଣାତ୍ ଖୋଲିଗଲା। ସୂର୍ଯ୍ୟୋଦୟ ହେଲେ ଯେପରି ଅନ୍ଧକାର ଦୂର ହୋଇଯାଏ, ସେହିପରି ବସୁଦେବ କୃଷ୍ଣଙ୍କୁ ଧରି ଆସିବାମାତ୍ରେ ଏହା ଘଟିଲା। ସେତେବେଳେ ଧୀରେ ଧୀରେ ମେଘ ଗର୍ଜନ କରୁଥିଲା ଓ ବୃଷ୍ଟିପାତ ହେଉଥିଲା। ଶେଷଦେବ (ଅନନ୍ତ) ନିଜର ସହସ୍ରଫଣା ଟେକି, ବର୍ଷା ପାଣି ନପଡ଼ିବା ପାଇଁ ବସୁଦେବଙ୍କ ପଛେ ପଛେ ଯିବାକୁ ଲାଗିଲେ। ଏହି ପ୍ରସଙ୍ଗରେ, ବ୍ୟାସଦେବ ବର୍ଣ୍ଣନା କରିଛନ୍ତି ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ମଧରେ ଥିବା ଏକ ସଂଯୋଗର କାହାଣୀ। ସେ କହିଛନ୍ତି- ବାରମ୍ବାର ବର୍ଷା ହେବା ଫଳରେ ଯମୁନା ଖୁବ୍ ବଢ଼ିଥିଲା। ତାହାର ଜଳରାଶି ଗଭୀର ଥିଲା। ଉଚ୍ଚ ଲହରୀ ଉଠୁଥିଲା ଏବଂ ଜଳସ୍ରୋତରେ ଭଉଁରୀ ସୃଷ୍ଟି ହେଉଥିଲା। କିନ୍ତୁ ସୀତାପତି ଭଗବାନ ଶ୍ରୀରାମଙ୍କୁ ଯେପରି ସମୁଦ୍ର ବାଟ ଛାଡ଼ି ଦେଇଥିଲା, ସେହିପରି ଯମୁନା ନଦୀ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ବାଟ ଖୋଲିଦେଲା। ଏ ପ୍ରସଙ୍ଗରେ ସ୍ମରଣ କରିବାର କଥା, ଯେ ତ୍ରେତୟା ଯୁଗରେ ଶ୍ରୀରାମ ସମୁଦ୍ରରେ ସେତୁବନ୍ଧ ବାନ୍ଧିବାକୁ ଯିବା ବେଳେ, ସାଗର ରାଜାଙ୍କ ସମ୍ମତି ମିଳି ନଥିଲା। ସେଥିରେ ଶ୍ରୀରାମ କ୍ରୁଦ୍ଧ ହୋଇ, ଶରମାରି ସାଗରର ଜଳ ଶୁଖାଇ ଦେବାକୁ ଉଦ୍ୟତ ହୋଇଥିଲେ। ତାହା ଦେଖି ସାଗରରାଜ ଭୟଭୀତ ହୋଇ ତାଙ୍କର ଶରଣ ପଶିଥିଲେ ଏବଂ ସେତୁବନ୍ଧ ପାଇଁ ପଥ ଦେଇଥିଲେ। ଦ୍ୱାପର ଯୁଗରେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଦେଖି କାଳିନ୍ଦୀ କୃତାର୍ଥ ହେବା ସହିତ ଭୟରେ ବାଟ ଛାଡ଼ି ଦେଇଥିଲା। ଜଗନ୍ନାଥ ଦାସ ତାଙ୍କ ନବାକ୍ଷରୀ ଓଡ଼ିଆ ଭାଗବତରେ ଏହାର ବର୍ଣ୍ଣନା କରି କହିଛନ୍ତି- “ହରିଙ୍କ ଦେଖି ଭୟ କଲା। ବାଲିବନ୍ତରେ ବାଟ ଦେଲା।”



## ମଧୁର ସ୍ୱର ପାଇଁ........

➔ମଧୁର ସ୍ୱର ପାଇଁ ପ୍ରଚୁର ପାଣି ପିଅନ୍ତୁ। ଏହାଦ୍ୱାରା ସ୍ୱର ତନ୍ତ୍ରୀ ଶୁଷ୍କ ହୁଏ ନାହିଁ। ଭିଟାମିନ ଏ, ସି ଓ ଇ ଯୁକ୍ତ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସୁରା ଓ କଫି ପାନରୁ ବିରତ ରହନ୍ତୁ।

➔ଉଚ୍ଚ ସ୍ୱରରେ କଥା ହୁଅନ୍ତି ନାହିଁ। ଏହାଦ୍ୱାରା ସ୍ୱର ତନ୍ତ୍ରୀ ଉପରେ ଅଧିକ ଚାପ ପଡ଼େ। ସ୍ୱର କର୍କଶ ହୁଏ। ଧୀର ସ୍ୱରରେ କଥାବାର୍ତ୍ତା କଲେ ସ୍ୱରମଧୁର ରହେ।

➔କଣ୍ଠ ସଫା ପାଇଁ ଆଜିକାଲି ବଜାରରେ କେତେକ ମାଉଥ ୱାସ୍ ମିଳଉଛି। ମାତ୍ର ଏଗୁଡ଼ିକ ଅଧିକ ଦିନ ବ୍ୟବହାର କଲେ ସ୍ୱର ତନ୍ତ୍ରୀ ପ୍ରଭାବିତ ହୋଇପାରେ। ଗଳାକୁ ସଫା ହେବା ପରିବର୍ତ୍ତେ ବସିଯାଇପାରେ।

➔ସୁସ୍ଥ ଗଳା ପାଇଁ ଧୂମପାନ କ୍ଷତିକାରକ। ଏହାଦ୍ୱାରା ସ୍ୱାଭାବିକ ସ୍ୱର ବଦଳିଯାଏ। ଧୂମପାନଠାରୁ ଦୂରେଇ ରହନ୍ତୁ।

➔ଦିନକୁ ଏକ ଚାମଚ ମହୁ ସେବନ କରନ୍ତୁ। ଏହା କଫରେ ଥିବା ଜୀବାଣୁ ନାଶକରେ ଏବଂ ଗଳାକୁସୁସ୍ଥ ରଖେ।

➔ମହୁ ମିଶ୍ରିତ ସବୁଜ ଚାହା ସେବନ କଲେ ଗଳା ସଫଳ ରହେ। ସଂକ୍ରମଣ ଆଶଙ୍କା କମେ। ସ୍ୱର ମଧୁର ହୁଏ।



## ଓଜନ ହ୍ରାସ କରିବାକୁ ଚାହୁଁଥିଲେ ପ୍ରଥମେ କମାନ୍ତୁ ବେଲି ଫ୍ୟାଟ୍; ଏହି ସବୁ ପାନୀୟ କରେ ସାହାଯ୍ୟ

ଆଜିକାଲି ମେଦବହୁଳତା ଏକ ଗମ୍ଭୀର ସମସ୍ୟା, ଯାହା କେବଳ ଆପଣଙ୍କ ସୌନ୍ଦର୍ଯ୍ୟକୁ ହ୍ରାସ କରେ ନାହିଁ ବରଂ ଆପଣଙ୍କୁ କର୍କଟ, ମଧୁମେହ, ରକ୍ତଚାପ ଏବଂ କୋଲେଷ୍ଟ୍ରଲ ଭଳି ଅନେକ ଗମ୍ଭୀର ରୋଗ ମୁଖରେ ମଧ ପକାଇଥାଏ। ଓଜନ ବଢ଼ିବା ଯେତେ ସହଜ, ଏହାକୁ କମାଇବା ସେତେ କଷ୍ଟକର।

ଓଜନ ହ୍ରାସ କରିବାର ଅସଂଖ୍ୟ ଉପାୟ ଇଣ୍ଟରନେଟରେ ଆପଣଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରେ। କିନ୍ତୁ ଏହା ଆପଣ କେବେ ଅବିଶ୍ୱାସ କରିବେ ନାହିଁ ଯେ ଶାରୀରିକ କାର୍ଯ୍ୟକଳାପ ସହିତ ଓଜନ ହ୍ରାସ ପାଇଁ ଖାଦ୍ୟପେୟର ଯତ୍ନ ନେବା ବି ଜରୁରି। ଯଦି ଆପଣ ବିଭିନ୍ନ ପ୍ରକାରର ଓଜନ ହ୍ରାସ କରିବାର ଉପାୟ ଆପଣେଇ ଥକି ଯାଇଛନ୍ତି ତେବେ ପ୍ରଥମେ ଆପଣଙ୍କୁ ବେଲି ଫ୍ୟାଟ୍ ବା ପେଟରେ ଜମିଥିବା ଚର୍ବି ହ୍ରାସ କରିବାକୁ ଚେଷ୍ଟା କରିବା ଉଚିତ୍।





ଶରୀରର ଓଜନ ହ୍ରାସ କରିବାକୁ ସୁସ୍ଥ ଏବଂ ହର୍ବାଲ୍ ଖାଦ୍ୟପାନୀୟର ଯଥେଷ୍ଟ ଆବଶ୍ୟକତା ରହିଛି। ଗ୍ରୀନ୍ ଟି ବା ସବୁଜ ଚା’ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ କ୍ୟାଫେନ୍ ଆପଣଙ୍କ ମେଟାବୋଲିଜିମ୍ ବୃଦ୍ଧି କରି ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ହଜମ ପ୍ରକ୍ରିୟାକୁ ମଧ ସୁସ୍ଥ ରଖିଥାଏ। ତେଣୁ ଆପଣ ପ୍ରତିଦିନ ସବୁଜ ଚା’ ପାନ କରିପାରନ୍ତି।

ଅଦା ଚା ମଧ ଆପଣଙ୍କ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିପାରେ। ପ୍ରତିଦିନ ଅଦା ପକା ନାଲି ଚା’ ପିଉଥିବା ବ୍ୟକ୍ତିଙ୍କର ହଜମ ପ୍ରକ୍ରିୟା ସୁସ୍ଥ ରହିବା ସହ ଓଜନ ବି ନିୟନ୍ତ୍ରଣରେ ରହିଥାଏ।

କଦଳୀପତ୍ରର ବ୍ୟବହାର ଆପଣଙ୍କ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ ଏବଂ ଏହା ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହାର ନିୟମିତ ବ୍ୟବହାର ମଧ ମେଟାବୋଲିଜିମରେ ଉନ୍ନତି ଆଣେ। ଯଦି ପାରୁଛନ୍ତି ମଝିରେ ମଝିରେ କଦଳୀପତ୍ରରେ ଖାଆନ୍ତୁ।

ତୁଳସୀ ଚା ’ନିୟମିତ ପିଇବା ଆପଣଙ୍କ ଶରୀର ପାଇଁ ଖୁବ୍ ଭଲ। ତୁଳସୀ ଚା’ ପିଇଲେ ଆପଣ ଖାଉଥିବା ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ଏହା ବ୍ୟତୀତ ଶରୀର ଭିତରେ ଥିବା ମଇଳା ବାହାର କରିବାରେ ଏହା ସହାୟ ହୋଇଥାଏ।

## ନଖାଇକି ନୁହେଁ, ଖାଇକି କରନ୍ତୁ ଓଜନ ହ୍ରାସ: ରାତିରେ ପିଇବାକୁ ହେବ ଏହି ସବୁ ପରିବାରେ ତିଆରି ସୁପ୍



ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି। ସଭିଏଁ ଚାହାନ୍ତି ଫିଟ୍ ରହିବାକୁ। ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ। ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ। ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ। ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ। ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ। ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି। ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ।

ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ। ତାହାକୁ ଖୁବ୍? ସାନ ସାନ କରି କାଟିଦିଅନ୍ତୁ। ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ। ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ। ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ। ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ। ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି। ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ। ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ।

## ମୁଣ୍ଡବ୍ୟଥାର କାରଣ

ମୁଣ୍ଡବ୍ୟଥାକୁ ସମସ୍ତେ ଏକ ସାଧାରଣ ସମସ୍ୟା ଭାବୁଥିଲେ ମଧ୍ୟ ତାହା ପଛରେ ଲୁଚି ରହିଥାଏ ଅନେକ ଗମ୍ଭୀର କାରଣ। ଯାହା ଆଗକୁ ଯାଇ ସୃଷ୍ଟି କରିପାରେ ଏକ ଜଟିଳ ସମସ୍ୟା। ତେଣୁ ସମସ୍ତ ଥାଉଁ ଥାଉଁ ଏହାର କାରଣ ଜାଣିବା ସହ ସଠିକ୍ ଉପଚାର କରିବା ଅତ୍ୟନ୍ତ ଆବଶ୍ୟକ। ତେବେ ଆସନ୍ତୁ ଜାଣିବା ମୁଣ୍ଡବ୍ୟଥା ପଛରେ ଲୁଚି ରହିଥିବା ଛୋଟବଡ଼ କାରଣ ସମ୍ପର୍କରେ..।

♦ ଯଦି ବିନା କାରଣରେ ମୁଣ୍ଡବ୍ୟଥା ହେଉଥାଏ, ତେବେ ତାହା ବ୍ରେନ ଟ୍ୟୁମର ହେବାର ସଙ୍କେତ ହୋଇପାରେ।

♦ ଉଚ୍ଚ ରକ୍ତଚାପ କାରଣରୁ ମୁଣ୍ଡବ୍ୟଥା ଓ ଛାତିର ଯନ୍ତ୍ରଣା ଆଦି ଅନୁଭବ ହୋଇଥାଏ। ସେଥିପାଇଁ ଅସହ୍ୟ ମୁଣ୍ଡବ୍ୟଥା ହେଲେ ତୁରନ୍ତ ରକ୍ତଚାପ ପରୀକ୍ଷା କରିବାର ଉଚିତ।

♦ ହଠାତ୍ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ ହେବା ସହ ଯଦି ଶରୀରର ଗୋଟିଏ ପାର୍ଶ୍ୱ ସଠିକ୍ ଭାବେ କାର୍ଯ୍ୟ ନକରେ, ତେବେ ତାହା ଷ୍ଟ୍ରୋକର ସଙ୍କେତ ହୋଇପାରେ।

♦ ଯଦି ଆପଣଙ୍କ ଠାରେ ମୁଣ୍ଡବ୍ୟଥା ଜନିତ ସମସ୍ୟା ଦେଖାଦେଇଥାଏ, ତେବେ ତାହା ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲକ୍ଷଣ ହୋଇପାରେ।

♦ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ଶରୀରର ରକ୍ତ ସଞ୍ଚାଳନ ବଢ଼ି ଯାଇଥାଏ। ଏହାର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିବା ଯୋଗୁଁ ମଧ୍ୟ ମୁଣ୍ଡବ୍ୟଥା ହୋଇପାରେ।



## ରାଜସ୍ଥାନରେ ଥିଲା ଡାଇନୋସର ପାର୍କ

ଜୈସଲମେର ଠାରୁ ୧୦ କି.ମି. ଦୂରରେ ଅର୍ଥାତ୍ ଜୈସଲମେର-ଯୋଧପୁର ହାଇୱେ ନିକଟରେ ଥିବା ଥାଇଆଟ ଗ୍ରାମ ନିକଟରେ ଆବିଷ୍କାର କରାଯାଇଛି ଏକ ଚମତ୍କାର। ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ, ଏଠାରେ ପ୍ରାୟ ୧୮୦ ମିଲିଅନ୍ ବର୍ଷ ତଳେ ଏକ ଡାଇନୋସର ପାର୍କ ରହିଥିଲା। ରାଜସ୍ଥାନ ୟୁନିଭର୍ସିଟିର ପ୍ରଫେସର ଧୀରେନ୍ଦ୍ର ପାଣ୍ଡେଙ୍କ ଦ୍ୱାରା ଏହାର ଜିଓଲୋଜି ଡିପାର୍ଟମେଣ୍ଟରେ ଏକ ଗବେଷଣା ପାଇଁ ସାରା ବିଶ୍ୱର ପାଖାପାଖି ୩୪ ଜଣ ବୈଜ୍ଞାନିକ ଯୋଗ ଦେଇଥିଲେ। ତେବେ ଜୈସଲମେରର ବିଭିନ୍ନ ସ୍ଥାନ ଭ୍ରମଣ କାଳରେ ସେମାନେ ଆବିଷ୍କାର କରିଥିଲେ ଦୁଇଟି ଜୁରାସିକ୍ ଡାଇନୋସରର ପାଦଚିହ୍ନ। ଗୋଟିଏ ପାଦଚିହ୍ନ ଛୋଟ ଥିଲା ବେଳେ ଅନ୍ୟଟି ଥିଲା ବଡ଼। ଏହାର ଫଟୋଗ୍ରାଫ ମଧ୍ୟ ବୈଜ୍ଞାନିକମାନେ ଉଠାଇଛନ୍ତି। ତେବେ ଏଥିରୁ ଜଣାଯାଉଛି ଯେ, ରାଜସ୍ଥାନର ମରୁଭୂମି ଅଞ୍ଚଳରେ ଦିନେ ଡାଇନୋସର ବସବାସ କରୁଥିଲେ। ଏହି ପାଦଚିହ୍ନ ହିଁ ହେଉଛି ଏହାର ପ୍ରଥମ ପ୍ରମାଣ। ଚିହ୍ନଟ କରାଯାଇଥିବା ପ୍ରଥମ ପାଦଚିହ୍ନର ଲମ୍ବା ଖୁବ୍ ଛୋଟ ମାତ୍ର ପାଞ୍ଚ ସେ.ମି. ଲମ୍ବା ଏବଂ ଦ୍ୱିତୀୟ ପାଦଚିହ୍ନଟି ବଡ଼ ପାଖାପାଖି ୩୦ ସେ.ମି. ଲମ୍ବା। ଏଥିରୁ ଜଣାଯାଉଛି, ଏହି ଡାଇନୋସରମାନେ ସବୁଠାରୁ ବଡ଼ କୁମ୍ଭୀରଠାରୁ ବି ଆହୁରି ବୃହତ ହୋଇଥିବେ। ଖାଲି ଲମ୍ବାରେ ନୁହେଁ କୁମ୍ଭୀରଠାରୁ ବହୁ ବିପଜ୍ଜନକ ଥିବେ ଏମାନେ। ଭାରତରେ ଥିବା ବାଘମାନଙ୍କ ଦାନ୍ତଠାରୁ ଏମାନଙ୍କ ଦାନ୍ତ ତିନିଗୁଣା ଲମ୍ବା ବୋଲି ବୈଜ୍ଞାନିକମାନେ ଜଣାଇଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୯ ଜୁନ୍ ୨୦୨୪, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଳବାୟୁ ସଙ୍କଟ....

ସମ୍ପ୍ରତି ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାକୁ ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ତାପମାତ୍ରାଠାରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ସୀମିତ ରଖିବା ପାଇଁ ଗତ କିଛି ବର୍ଷ ହେଲା ଆରମ୍ଭ ହୋଇଥିବା ଉଦ୍ୟମରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି ଦୁବାଇଠାରେ ସଦ୍ୟ ସମାପ୍ତ ପରିବେଶ ଓ ଜଳବାୟୁ ଶୀର୍ଷ ସମ୍ମିଳନୀ କୋପ୍ ୨୮। ଯେଉଁ ହାରରେ ତାପମାତ୍ର ବୃଦ୍ଧି ପାଇ ଚାଲିଛି ଓ କାର୍ବନ ନିର୍ଗମନ ବଢ଼ିବାରେ ଲାଗିଛି ତାହାକୁ ଦେଖିଲେ ଏହି ଲକ୍ଷ୍ୟ ହାସଲ ଯେ ସୁଦୂର ପରାହତ ତାହାକୁ ଅସ୍ୱୀକାର କରି ହେବ ନାହିଁ। ଏହାସତ୍ତ୍ୱେ ଏହି ଶୀର୍ଷ ସମ୍ମିଳନୀରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତୈକ୍ୟ ସୃଷ୍ଟି ହୋଇପାରିଛି ଏବଂ ଦୀର୍ଘମିଆଦୀ ଭିତ୍ତିରେ ବିଶ୍ୱତାପମାତ୍ର ନିୟନ୍ତ୍ରଣ ମଧ୍ୟରେ ରହିବ ବୋଲି କିଛିଟା ଆଶା ସଞ୍ଚାର ହୋଇଛି। ଏହାପୂର୍ବରୁ ୨୭ ଥର ଅନୁଷ୍ଠିତ ହୋଇସାରିଥିବା ଜଳବାୟୁ ସମ୍ପର୍କିତ ଶୀର୍ଷ ସମ୍ମିଳନୀଠାରୁ ଦୁବାଇ ଶୀର୍ଷ ସମ୍ମିଳନୀ(କୋପ୍ ୨୮) ଯେଉଁ କେତେକ ଦୃଷ୍ଟିରୁ ଭିନ୍ନ ଥିଲା ତାହା ହେଉଛି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ କ୍ରମବର୍ଦ୍ଧିଷ୍ଣୁ ତାପମାନ ନିୟନ୍ତ୍ରଣ ପାଇଁ ଏ ପର୍ଯ୍ୟନ୍ତ ବିଭିନ୍ନ ରାଷ୍ଟ୍ର କ'ଣ ପଦକ୍ଷେପ ନେଇଛନ୍ତି (ଗ୍ଲୋବାଲ୍ ଷ୍ଟକ୍‌ଟେକ୍)ର ରିପୋର୍ଟ କାର୍ଡ ପ୍ରଦର୍ଶନ। ଜଳବାୟୁ ସମ୍ପର୍କିତ ପ୍ୟାରିସ୍ ବୁଝାମଣା ଆଧାରରେ ଏଭଳି ସମୀକ୍ଷା ପ୍ରତି ପାଞ୍ଚବର୍ଷ ଅନ୍ତରରେ ହେବ ବୋଲି ସ୍ଥିର ହୋଇଥିବା ବେଳେ କୋପ୍ ୨୮ ପ୍ରଥମ ଅବସର ଥିଲା। ଏହି ରିପୋର୍ଟ କାର୍ଡ ସନ୍ତୋଷଜନକ ନ ହେଲେ ମଧ୍ୟ ନୈରାଶ୍ୟଜନକ ନୁହେଁ। ଏହି ପ୍ରସଙ୍ଗରେ ଭାରତ ତା'ର ଦୃଷ୍ଟିକୋଣ ସ୍ପଷ୍ଟ କରିବା ସହିତ କାର୍ବନ ଓ ମିଥେନ୍ ନିର୍ଗମନ ହ୍ରାସ ଦିଗରେ ସମସ୍ତଙ୍କର ସମାନ ସହଭାଗିତା ଓ ଜୀବାଶ୍ମ ଇନ୍ଧନ ବ୍ୟବହାରରେ ନ୍ୟାୟପୂର୍ଣ୍ଣ ସର୍ତ୍ତ ଧାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଆରୋପ କରିଛି। ଏହାଛଡ଼ା ପ୍ରଥମ ଥର ପାଇଁ କୋପ୍-୨୮ରେ ମିଥେନ୍ ବାଷ୍ପର ନିର୍ଗମନକୁ ପର୍ଯ୍ୟାୟକ୍ରମେ ଯଥାସମ୍ଭବ ହ୍ରାସ କରି ଏବଂ ୨୦୩୦ ସୁଦ୍ଧା ୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରି ୨୦୫୦ ବେଳକୁ ଶୂନ୍ୟରେ ପହଞ୍ଚାଇବା ପାଇଁ ବିକଳ୍ପ ଇନ୍ଧନର ଉପଯୋଗିତାକୁ ସର୍ବସମ୍ମତ ସ୍ୱୀକାରୋକ୍ତି ମିଳିଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରିବାକୁ ପୂର୍ବରୁ ମତ ପ୍ରକାଶ ପାଇ ଆସୁଥିଲେ ମଧ୍ୟ ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଅକ୍ଷୟ ଶକ୍ତିର ଉତ୍ପାଦକୁ ବର୍ତ୍ତମାନର କ୍ଷମତାଠାରୁ ତିନିଗୁଣ ବୃଦ୍ଧି କରିବା ପାଇଁ ସମସ୍ତ ସଦସ୍ୟ ଦେଶଙ୍କୁ ଆହ୍ୱାନ କରାଯାଇଛି। କିନ୍ତୁ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନକ୍ସା ପ୍ରସ୍ତୁତ କରାଯାଇ ନ ଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମ୍ଭାବନା ଦ୍ୱନ୍ଦ୍ୱ ସୃଷ୍ଟି କରିବା ସ୍ୱାଭାବିକ। ଏଥିସହିତ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତିର ଭରଣା ପାଇଁ ଗତ କୋପ୍ ୨୭ ଶାର୍ମ ଏଲ୍ ଶୈଖ୍ ବୈଠକରେ ନିଆଯାଇଥିବା ପାଣ୍ଠି ଗଠନ ନିଷ୍ପତ୍ତିର ବାସ୍ତବ ରୂପାୟନ ଓ ଏହାକୁ ଅଧିକ କ୍ରିୟାଶୀଳ କରିବା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଛି। କୋଇଲା ଉତ୍ପାଦନ ଓ ବ୍ୟବହାର ହ୍ରାସ କରିବା ଲାଗି କୋପ୍-୨୮ରେ ଏକ ପ୍ରସ୍ତାବ ରଖାଯାଇଥିଲା ଯେ କୌଣସି ଦେଶ ଆଉ ନୂଆ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା କରିବେ ନାହିଁ। କିନ୍ତୁ ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାର ଆପତ୍ତି ପରେ ଏହି ପ୍ରସ୍ତାବକୁ ହଟାଯାଇ ୨୦୨୧ ଗ୍ଲାସ୍‌ଗୋ ଜଳବାୟୁ ଶିଖର ସମ୍ମିଳନୀରେ ଗୃହୀତ ପ୍ରସ୍ତାବକୁ ପାରିତ କରାଯାଇଥିଲା, ଯେଉଁଥିରେ ପର୍ଯ୍ୟାୟକ୍ରମ କୋଇଲା ବ୍ୟବହାର ହ୍ରାସ କରିବାକୁ ସର୍ବସମ୍ମତ ସଂକଳ୍ପ ପାରିତ ହୋଇଥିଲା। ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି ବିଶ୍ୱତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ଭାବରେ ଆମେ ବ୍ୟବହାର କରୁଥିବା ଶୀତଳୀକରଣ ଉପକରଣର ଯୋଗଦାନ ବୃଦ୍ଧି ପାଉଥିବା କୋପ୍-୨୮ରେ ସ୍ୱୀକାର କରାଯାଇଥିଲା। ତେଣୁ ୨୦୫୦ ସୁଦ୍ଧା ଏହି ସବୁ ଉପକରଣର ଉତ୍ପାଦନ ଓ ବ୍ୟବହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯଦି କୋପ୍-୨୮ର ସବୁଠାରୁ ସଫଳତା ବିଷୟରେ ସୂଚିତ କରାଯାଏ ତେବେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଣ୍ଠି ବା କ୍ଲାଇମେଟ୍ ଫାଇନାନ୍ସ ବିଷୟରେ ଗମ୍ଭୀର ଆଲୋଚନାକୁ ଇଙ୍ଗିତ କରାଯାଇପାରେ। ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ବିଶ୍ୱର ସିଂହଭାଗ ଜୀବାଶ୍ମ ଇନ୍ଧନ ବ୍ୟବହାର କରୁଥିବା ଶିଳ୍ପୋନ୍ନତ ତଥା ବିକଶିତ ଦେଶମାନେ ହିଁ ପରିବେଶ ପ୍ରଦୂଷଣ ପାଇଁ ଅଧିକ ପରିମାଣରେ ଦାୟୀ। କିନ୍ତୁ ଏଥିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବିକାଶଶୀଳ ଓ ଗରିବ ଦେଶମାନେ। ପରିବେଶ ପ୍ରଦୂଷଣ ବା ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ବିକାଶଶୀଳ ଓ ଅନୁନ୍ନତ ଦେଶମାନେ ସମ୍ମୁଖୀନ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ଭରଣା କରିବା ସହିତ ସେଠାକାର ଜନସାଧାରଣଙ୍କୁ ବିପର୍ଯ୍ୟୟ ପରବର୍ତ୍ତୀ ଥଇଥାନ, ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦେବା ପାଇଁ ଜଳବାୟୁ ସମ୍ବଳ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ଲକ୍ଷ୍ୟରେ ବିକଶିତ ଦେଶଗୁଡ଼ିକ ୨୦୨୦ରୁ ୨୦୨୫ ପର୍ଯ୍ୟନ୍ତ କ୍ଲାଇମେଟ୍ ଫାଇନାନ୍ସ ବାବଦରେ ପ୍ରତିବର୍ଷ ୧୦୦ ବିଲିୟନ ଡଲାର ଲେଖାଏଁ ଯୋଗଦାନ ଦେବେ ବୋଲି ଅନୌପଚାରିକ ଭାବେ ପ୍ରତିଶ୍ରୁତିବଦ୍ଧ।

## ପୂର୍ବ ପ୍ରଶାସନରେ ମହାରାଜ ଓ ଜମିଦାର

**ଅଜୟ କୁମାର ବେହେରା**

ଜମିଦାର ବଡ଼ରୁ ଛୋଟ ଅନେକ ରହିଥାନ୍ତି। ବର୍ତ୍ତମାନ ସରକାରରେ ଜମିଦାର ସାଧାରଣ ପ୍ରଜା ଯେ ଖଣ୍ଡିଏ ଖଣ୍ଡିଏ ବା ଅନେକ ଖଣ୍ଡ ଜମି ଦଖଲ କରି ଘର କରିଛନ୍ତି। ଜମିଚାଷ ବା ଜମିରେ କିଛି ବାଣିଜ୍ୟ କରୁଛନ୍ତି ମାତ୍ର ପୂର୍ବପରି ଜମିଦାରୀର ମୂଲ୍ୟାୟନ ଅଛି। ଟାଟା ବିରଳା ଆମ୍ବାନୀ ବି ପ୍ରଜା ସାଧାରଣ ଜନତା ବି ପ୍ରଜା ସମସ୍ତେ ଖଜଣା ଜଳକର, ଜମିଜମାର ଦିଅନ୍ତି ମାତ୍ର ପରିମାଣ ସମାନ ନଥିବାରୁ ସବୁ ପ୍ରଜା ଏକ ପ୍ରକାରର ନୁହଁନ୍ତି। ପୂର୍ବ ପ୍ରଶାସନ ରାଜ କର୍ମଚାରୀ ବେଶୀ ନରଖି ଅଳ୍ପରେ ଶାସନ ଜାହିର ପାଇଁ ସମଗ୍ର ରାଜ୍ୟର ଖଜଣା ଆଦାୟ କେତେ ଜଣ ଗୁମାସ୍ତାରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ତାଙ୍କୁ ଲୋକେ ଜମିଦାର କହୁଥିଲେ। ସମସ୍ତ ଜମିର ସେ ଖଜଣା ଆଦାୟର ଅଧିକାରୀ ଓ ଆଦାୟ ଖଜଣାର ରାଜଭାଗ ପ୍ରଶାସନକୁ ଦେଇ ମଧ୍ୟରେ ସେ ସତ୍ୱାଧିକାରୀ ରହୁଥିଲେ। ଏହାଙ୍କୁ ଖଜଣା ପାଉତି ହାସଲ ପାଇଁ ଇଇତମାନେ ଜମିଦାର କହୁଥିଲେ। ଲାଟ ପ୍ରଶାସନ ସମୟରେ ଖଜଣା ପଇଠକୁ ଲାଟବନ୍ଦୀ ତାରିଖ ଲେଖା ତତ୍କାଳ ବାର୍ଷିକ ପାଞ୍ଜିରେ ଲେଖା ରହୁଥିଲା।

ବର୍ତ୍ତମାନ ପରି ଯୋଗାଯୋଗ ବିଦ୍ୟା ସେତେବେଳେ ନଥିଲା। ଏବେ ବ୍ୟାଙ୍କରେ କେତେ ଜମା କେତେ ଋଣ କେତେ ଋଣ ଶୋଧୀ ଟଙ୍କା ହୋଇଛି, କେତେ ରେଲ ଷ୍ଟେସନରେ ପାସେଞ୍ଜର ଯାତ୍ରା କରିବାକୁ ଟିକେଟ ବୁକିଂ ହୋଇଛି। ସରକାରଙ୍କ ଖଜଣା ଟିକସ କେତେ ଆଦାୟ ହେଲା ଏହାର ହିସାବ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସରକାରଙ୍କ ମୁଖ୍ୟ ଦପ୍ତରେ ସାଥି ସାଥବ ଜଣା ପଡୁଛି ମାତ୍ର ପୂର୍ବରେ ପରମ୍ପରା ଥିଲା ଭିନ୍ନ ପ୍ରକାରର। ସମ୍ରାଟ ବା ମହାରାଜା, ରାଜା, ଜମିଦାରଙ୍କୁ ବର୍ଷରେ ଥରେ ତାଙ୍କର ଖଜଣା କେତେ ଦେୟ ତାହା କାହିଁକି ଦେଇ ପାରୁନାହାଁନ୍ତି ମୁହାଁ ମୁହିଁ ପଚାରୁଥିଲେ, ଉଦ୍ଦିଷ୍ଟ ରାଜା ଜମିଦାର ଦର୍ଶାଉଥିଲେ। ମଣିମା ବା ବାଦଶାହା ବା ମିଲର୍ଡ ବା ସାହେବ ବା ଯାହାଁପନା ଆପଣଙ୍କୁ କଣ କୈଫୟତ ଦେବି ମୋର ଜମିଦାରୀ ବା ଚାଷ ଜମିରେ କାହିଁକି ଖଜଣା ଆପଣଙ୍କୁ ସଠିକ ସମୟ ଓ ଯଥାର୍ଥ ଦେଇପାରୁନାହିଁ ଏହି କାରଣ ଅନୁଧ୍ୟାନ ପାଇଁ ଲାଗି ଜାଣିଲି ଜମିରେ ଢ଼ିପ ଅଛି ବା କେଉଁଠି ଖାଲି ଅଛି ଏହାକୁ ସମତୁଲ ନକଲେ ଜମି ଫଳନଶୀଳ ହେଉନାହିଁ, ଯେଉଁ ଜମିରେ ଫସଲ ଉଧାଉ ନାହିଁ କୌଣସି ଫଳଗଛ ରୋପଣ କରିବା ଆବଶ୍ୟକ ଯୋଗୁଁ ବା କେଉଁଠି ଜମ ଜମୁଛି ସେଠାରେ ପୋଖରୀ କାଟି ମାଛ ଚାଷ କରିବା ପାଇଁ ଚେଷ୍ଟା କରି ଖର୍ଚ୍ଚାନ୍ତ ଏପରି ହେବାରୁ ମୁଁ ଏବର୍ଷ ବା ଅପର ବର୍ଷ ଖଜଣା ସଠିକ ଭରି ନପାରିଲେ ବି ଆଗକୁ ଜୋର ଆୟ ମାଛ, ଫଳମୂଳ, ଶସ୍ୟ ପାଇଲେ ତାହା ପୂରଣ କରିପାରିବି। ରାଜା ବା ଜମିଦାର ଏଥିରେ ଖୁସି ଥିବା ପରି ମହାରାଜାଙ୍କର ବା ସମ୍ରାଟଙ୍କ ଡାକରାରେ ଏକଜୁଟ ଜମିଦାର ରାଜାମାନେ ତାଙ୍କର ଚାଷୀ ବା ପ୍ରଜାଙ୍କର ଦୈବଦଣ୍ଡ ନଦୀବାଢ଼ି ପ୍ରଚଣ୍ଡ ରୌଦ୍ରରୁ ଶସ୍ୟନାଶ ଅଦିନ ବର୍ଷା ଓ ଅତିବର୍ଷା କୋପରୁ ଶସ୍ୟନାଶ ପୁଣି ବିହନ ହାନି ପୋକ ଝିଣ୍ଟିକା ପଙ୍ଗପାଳ ମୂଷା, ମର୍କଟ, ଷଣ୍ଢ, ଚୋର ଆଦି ପ୍ରାବଲ୍ୟ ଶସ୍ୟ ଉଜୁଡ଼ି ଯିବାରୁ ସଠିକ ଖଜଣା ଠିକ ବେଳରେ ଆଦାୟ ନହୋଇପାରିବାରୁ ମୁଖ୍ୟ ଖଜଣା ଖାନାକୁ ଧାର୍ଯ୍ୟ ଖଜଣା ପାଇଁ ହୋଇପାରୁନାହିଁ। ତାସହିତ ଲୋକଙ୍କର ଏ ଅସୁବିଧାକୁ ନଜରରେ ରଖି ରାସ୍ତାଘାଟ ଉନ୍ନତି ବନ୍ଧବାନ ସୁଦୃଢ଼ ଉନ୍ନତ ବିହନ ବାହାରୁ ଆମଦାନୀ ଶସ୍ୟହାନି କରୁଥିବା ପର୍ଯ୍ୟାୟରୁ ରକ୍ଷା ପାଇଁ ପ୍ରତିକାର କରାଇଛି। ଲୋକଙ୍କର ରୋଗ ଧରିବାରୁ ରକ୍ଷା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରାଇଛି। କ୍ଷୁଧା ଦାରିଦ୍ର୍ୟରୁ ଲୋକଙ୍କୁ ମୋ ରାଜ କୋଷରୁ ସଠିକ ସହାୟ ଦରକାର ବେଳେ ଯୋଗାଇଛି ଆଶା କରୁଛି ଲୋକେ ଆଗଥରକୁ ସୁଧମୂଳ ଫସଲ ବ୍ୟାପକ ପାଇଲେ ଖଜଣା ପଇଠ କଲେ ମୂଳ ଖଜଣାଖାନାକୁ ଅର୍ଥ ଭରଣା କରିପାରିବି। ସମ୍ରାଟ ପରିସ୍ଥିତି ହୃଦୟଙ୍ଗମ କରନ୍ତି ତାଙ୍କର ଦେଶ ଓ ରାଜ୍ୟର ପ୍ରଜାଙ୍କର ପ୍ରଗତିରେ ଏହି ରାଜା ପ୍ରକୃତରେ ସମ୍ରାଟଙ୍କ ତରଫରୁ ସହାୟକ ଅତଏବ ଏ ରାଜାକୁ କ୍ଷମା କରି ଆରଥରକୁ କର ଭରଣା ପାଇଁ ଉତ୍ସାହିତ କରିବା ଦରକାର। ଆମ ରାଜ୍ୟରେ ସୁନିଆଁ ଏକ ଏମିତି ପର୍ବ ଥିଲା ଏଥିରେ ପ୍ରଜାପାଟକ ସ୍ୱ ସ୍ୱ ଜାତିର ଦଳପତି ବା ଦଳ ବେହେରାଙ୍କ କତୃକ ଜମିଦାର ବା ରାଜମହଲକୁ ବର୍ଷରେ ଥରେ ସୁନିଆ କରିବା ପାଇଁ ଆସୁଥିଲେ। ଆକବରଙ୍କ ବେଳେ ଫସଲି ଓ ଅମଲିରେ ଶସ୍ୟ ବିକ୍ରୟ ପରେ ଆସୁଥିଲା ଖଜଣା / ବଣିକମାନେ ବ୍ୟବସାୟୀମାନେ ବର୍ଷରେ ଥରେ ଖାତା ପୂଜା ଦୁଆତ ପୂଜାକୁ ଖାତା ଚୁକ୍ତି ପାଇଁ ଆସୁଥିଲେ। ମାମୁଁଘର ଭଣଜା ଭାଣେଜୀ ପୋଢୁଆଁ ଦିନ ପଢୁଆଁ କରିବାକୁ ଆସୁଥିଲେ। ସ୍ତ୍ରୀଙ୍କର ପିତୃଆଳୟ ଯାହା ପିଲାର ମାମୁଁଘର ସେଠାରୁ ବିବାହ ବ୍ରତରେ ଖଜଣା ପଇଠ କଲାପରେ ଦ୍ରବ୍ୟ ଭାର ବେଭାର ଆସୁଥିଲା। ଏବେ ରାଜକର୍ମଚାରୀ ରାଜକର୍ମ କରିବା ଦପ୍ତରରେ ପ୍ରଜାଙ୍କ ଠାରୁ କିଛି ଉତକୋଚ ନ ନେଲେ ସରକାରୀ କର୍ମ ସଠିକ ସମୟ ବା ସଠିକ ଭାବରେ କରୁନାହାଁନ୍ତି। ଦଳ ପାର୍ଟିଚାନ୍ଦା ନନେଲେ ପାର୍ଥ ଚୟନ ହୋଇପାରୁନାହିଁ। ସରକାରୀ ଦପ୍ତରରେ କେଉଁ କମ୍ପାନୀର କଳ କାରଖାନା କରିବା, ଏମଓୟୁ ପାଇଁ ରାଜଚୁକ୍ତି ପାଇଁ ଆସିଲେ ଅଦ୍ଭୂତ ଧରଣ ଚୋଷିବା ନିତି ପରୋକ୍ଷରେ ଉପସ୍ଥାପିତ ହେଉଛି। ଚୁକ୍ତିରେ ଚେୟାର ଜଡ଼ିତ ଚେୟାର ପର୍ଶନଙ୍କର ହାତ ଚିକ୍କଣ ପାଇଁ ଫନ୍ଦା ଜଣାପଡୁଛି। କଳିଯୁଗର ଏହା ନୀତି ଯେ ବିରୁଦ୍ଧ କରିବ ପ୍ରକାଶ କରିବ କଳିଯୁଗର କୋପରେ ସେ ପଡ଼ିବ। ଏ ନୀତିର ପ୍ରତିବାଦ ୟୁନିୟନ ଏ ପର୍ଯ୍ୟନ୍ତ ମାତୃଗର୍ଭରୁ ପଦାକୁ ଆସିନାହିଁ।

+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋ: ୯୪୩୭୦୩୧୨୫୩

## ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମ୍

**ଡାକ୍ତର ସମ୍ରାଟ କର**

ଆପଣମାନେ ସବୁବେଳେ ମନେରଖନ୍ତୁ ପିଲାମାନଙ୍କ ସୁଖଦ ଓ ଆନନ୍ଦମୟ ଭବିଷ୍ୟତ ପାଇଁ ପ୍ରଚୁର ପରିମାଣର ସ୍ନେହ ଓ ଭଲପାଇବା ଦିଅନ୍ତୁ। ତା ଭିତରେ ଗଭୀର ଆତ୍ମବିଶ୍ୱାସ ବଢ଼ାଇ ତାର ସାଥୀଟିଏ ହୋଇ ତା ଭିତରର ସୁଖ, ଦୁଃଖ ବୁଝିବାକୁ ଚେଷ୍ଟା କରନ୍ତୁ। ଆପଣଙ୍କ ପିଲା ତାର କୌଣସି ପରୀକ୍ଷା ବା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସେ ତାଙ୍କ ସାଙ୍ଗସାଥୀଙ୍କ ଠାରୁ ଯଦି ପଛୁଆ ରହିଯାଏ ବା ଆଶାନୁରୂପ ଫଳ ନପାଏ ତେବେ ଏ କ୍ଷେତ୍ରରେ ଅନ୍ୟମାନଙ୍କ ସହ ତାକୁ ତୁଳନା କରନ୍ତୁନାହିଁ ବରଂ ତାକୁ ଭରପୁର ସ୍ନେହ ଦେଇ ଉତ୍ସାହ ଦିଅନ୍ତୁ ସେ ପୁନର୍ବାର ଚେଷ୍ଟ କଲେ ସଫଳତା ନିଶ୍ଚୟ ପାଇବ, ଏହା ପିଲାଟିର ଆତ୍ମସମ୍ମାନ ଓ ଭରଷାକୁ ବଢ଼ାଇ ପାରିବ।

ଶ୍ରୀକାନ୍ତ ମୋର ସ୍କୁଲ ବେଳର ସାଙ୍ଗ, ମୁଁ ବାହାରେ ପାଠ ପଢ଼ିବା ପାଇଁ ଗାଁ ଛାଡ଼ିଦେଲି ହେଲେ ସିଏ ସେ ଗାଁରେ ପଢ଼ାପଢ଼ି କରି ପରେ ବ୍ୟବସାୟ କ୍ଷେତ୍ରରେ ବେଶ ଆଗେଇ ପାରିଛି। ବହୁଦିନ ପରେ ତାର ମୋର ଭେଟଭାଟ ହୋଇଗଲା, ତାର ବଡ଼ପୁଅ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛି ଆଉ ସାନପୁଅ ଏକ ବୋର୍ଡ଼ର ଫାଇନାଲ ପରୀକ୍ଷା ଦେଇଛି। ଶ୍ରୀକାନ୍ତ ମୋ ସାଙ୍ଗରେ କଥାବାର୍ତ୍ତା ହେବାବେଳେ ଲକ୍ଷ୍ୟ କଲି ସେ ଅସ୍ୱାଭାବିକ ଭାବରେ ତା ପିଲାମାନଙ୍କ ପରୀକ୍ଷା ଫଳକୁ ନେଇ ଉଦ୍‌ବିଗ୍ନ ହୋଇପଡୁଛି। ମୁଁ ସବୁକଥା ଶୁଣି ତାକୁ କହିଲି ତୁ କାହିଁକି ଅଯଥା ବ୍ୟସ୍ତ ହେଉଛୁ, ତୁ ପିଲାମାନଙ୍କ ରେଜଲ୍ଟ ଓ ଭଲ ମାର୍କ କଥା ଚିନ୍ତାକରି ଆଦୌ ବ୍ୟସ୍ତ ହୁଅନା ଦେଖିବୁ ତୋ ପିଲାମାନେ ଭଲ ରେଜଲ୍ଟ କରିବେ। ଆପଣମାନେ ହୁଏତ ଜାଣିନଥିବେ ଏହା ସାଧାରଣରେ ଏକ ମାମୁଲି କଥା ବୋଲି କେହି କେହି ଭାବୁଥିବାବେଳେ ମନସ୍ତାତ୍ତ୍ୱିକ ଓ ମନବୈଜ୍ଞାନିକ କ୍ଷେତ୍ରରେ ଏହା ଏକ ପ୍ରକାର ରୋଗ ଯାହା ନାଁ ହେଉଛି ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମ୍। ବର୍ତ୍ତମାନ ପରୀକ୍ଷା ସିଜିନ୍ ଚାଲିଥିବାରୁ ପିଲମାନେ, କେବଳ ପିଲାମାନେ ନୁହେଁ ତାଙ୍କ ଅଭିଭାବକମାନେ ମଧ୍ୟ ରେଜଲ୍ଟ ଓ ଭଲ ମାର୍କକୁ ନେଇ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। କେହି କେହି ପିଲାମାନଙ୍କ ଉପରେ ଭଲ ରେଜଲ୍ଟ ପାଇଁ ଯେଉଁ ଚାପ ପକାଇଥାନ୍ତି ତାହା ପରବର୍ତ୍ତୀ ସମୟରେ ପିଲାଟିର ମାନସିକତାକୁ ଗଭୀର ଆଘାତ ଦେଇଥାଏ। ପିଲାମାନଙ୍କର ଦେହ ଖରାପ ନଥିଲେ ମଧ୍ୟ ପିଲାଟି ଯଦି ଏଇ ଯେପରି ପେଟ କାଟୁଛି, ଜରୁଆ ଜରୁଆ ଲାଗୁଛି, ମନ କିଛି ଭଲ ଲାଗୁନି ଏହିପରି ବାହାନା କରି ଯଦି ଚିନ୍ତାଗ୍ରସ୍ତ ବା ଉଦାସ ରୁହନ୍ତି ଏହିସବୁ ସମସ୍ୟା ଦେଖାଯାଉଥିଲେ ବୁଝାଯିବ ପିଲାଟି ତା ଅଭିଭାବକର ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମ୍‌ର ଶିକାର ହୋଇଛି। ଏହିପରି କ୍ଷେତ୍ରର ଅଭିଭାବକମାନେ ସବୁବେଳେ ନିଜ ପିଲାଟିକୁ ତା ସାଙ୍ଗସାଥୀଙ୍କ ଠାରୁ ପାଠସାଠରେ ଆଗୁଆ ହେବା ଚାହାଁନ୍ତି। କେବଳ ପାଠସାଠ ନୁହେଁ ଖେଳକୁଦ ବା ତାଙ୍କ ଅନ୍ୟାନ୍ୟ ପ୍ରତିଭା ସବୁଥିରେ ପିଲା ଯେପରି ଆଗୁଆ ରହେ ତା ଉପରେ ଏକ ପ୍ରକାର ଚାପ ସୃଷ୍ଟି କରନ୍ତି। ଯଦି ଆପଣଙ୍କ ପିଲାଟି ଏହି ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମର ଶିକାର ହୋଇଥାଏ ତେବେ ତୁରନ୍ତ ଏହାକୁ ହାଲ୍‌କା ନଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସାକୁ ଆଣନ୍ତୁ। ଆଜିକାଲିର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମୂଳକ ଯୁଗରେ ପିଲାମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାଗ୍ରସ୍ତ, ଅସୁରକ୍ଷିତ ମନେକରିବା ସ୍ୱାଭାବିକ। ତେବେ ଅଭିଭାବକମାନେ ପିଲାଟିର ମନରେ ଭୟ ସଞ୍ଚାର କରିଦେଲେ ଏପରି କ୍ଷେତ୍ରରେ ପିଲାମାନେ ନିଜ ଉପରୁ ଆଶା ଭରଷା ହରାଇ ଦିଅନ୍ତି। ଯେଉଁ ବୟସରେ ସେମାନେ ହସି ଖେଳିବୁଲି ଆନନ୍ଦ ମନରେ ସାଙ୍ଗସାଥୀଙ୍କ ସହ ପାଠପଢ଼ା ବା ଖେଳକୁଦ କରିବା କଥା ଅଭିଭାବକଙ୍କ ଚାପ ସେମାନଙ୍କୁ କେତେକ କ୍ଷେତ୍ରରେ ବିପଦଗାମୀ ବି କରିଦିଏ। ଆପଣମାନେ ସବୁବେଳେ ମନେରଖନ୍ତୁ ପିଲାମାନଙ୍କ ସୁଖଦ ଓ ଆନନ୍ଦମୟ ଭବିଷ୍ୟତ ପାଇଁ ପ୍ରଚୁର ପରିମାଣର ସ୍ନେହ ଓ ଭଲପାଇବା ଦିଅନ୍ତୁ। ତା ଭିତରେ ଗଭୀର ଆତ୍ମବିଶ୍ୱାସ ବଢ଼ାଇ ତାର ସାଥୀଟିଏ ହୋଇ ତା ଭିତରର ସୁଖ, ଦୁଃଖ ବୁଝିବାକୁ ଚେଷ୍ଟା କରନ୍ତୁ। ଆପଣଙ୍କ ପିଲା ତାର କୌଣସି ପରୀକ୍ଷା ବା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସେ ତାଙ୍କ ସାଙ୍ଗସାଥୀଙ୍କ ଠାରୁ ଯଦି ପଛୁଆ ରହିଯାଏ ବା ଆଶାନୁରୂପ ଫଳ ନପାଏ ତେବେ ଏ କ୍ଷେତ୍ରରେ ଅନ୍ୟମାନଙ୍କ ସହ ତାକୁ ତୁଳନା କରନ୍ତୁନାହିଁ ବରଂ ତାକୁ ଭରପୁର ସ୍ନେହ ଦେଇ ଉତ୍ସାହ ଦିଅନ୍ତୁ ସେ ପୁନର୍ବାର ଚେଷ୍ଟ କଲେ ସଫଳତା ନିଶ୍ଚୟ ପାଇବ, ଏହା ପିଲାଟିର ଆତ୍ମସମ୍ମାନ ଓ ଭରଷାକୁ ବଢ଼ାଇ ପାରିବ। ପିଲାଟି ସହ ତାର ସବୁକଥା ଶୁଣି ତା ସହ କଥାବର୍ତ୍ତା ହୁଅନ୍ତୁ କିନ୍ତୁ ତାକୁ ଘଣ୍ଟା ଘଣ୍ଟା ଧରି ବାରମ୍ବାର ଗୋଟିଏ କଥାକୁ ଚାପ ସୃଷ୍ଟି କଲାପରି କୁହନ୍ତୁ ନାହିଁ। ଆଜିକାଲି ପିଲାମାନଙ୍କର ପାଠ୍ୟ ଖସଡ଼ା ଯାହା ତା ଉପରେ କୌଣସି ଚାପ ଦିଅନ୍ତୁ ନାହିଁ ଯେପରି ଏହା ତା ମୁଣ୍ଡକୁ ଭାରାକ୍ରାନ୍ତ କରିଦେବ। ପିଲାଟିର କ୍ଷମତା, ସାମର୍ଥ୍ୟ ତାକୁ ଦେଖି ପରାମର୍ଶ ଦିଅନ୍ତୁ। ଅନୁଶାସନ ଓ ଆଜ୍ଞାବହତା ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ। କିନ୍ତୁ ନିଜ ପିଲାଟି ପ୍ରତି କଠୋର ବା ରୁକ୍ଷ ନହୋଇ ସ୍ନେହଶୀଳ ଭାବରେ ତା ପ୍ରତି ଉଦାର ମନୋଭାବ ପୋଷଣ କରନ୍ତୁ। ତାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ଧୀରେ ଧୀରେ ତା ବ୍ୟକ୍ତିଗତ ନିଷ୍ପତ୍ତି ନେବାରେ ଯେପରି ସକ୍ଷମ ହେବ ଏହାକୁ ଦୃଷ୍ଟି ଦିଅନ୍ତୁ। ପିଲାଟି ଭୁଲ କଲେ ଯେପରି ଗାଳି ବା ଦଣ୍ଡ ପାଏ ଠିକ୍ ସେହିପରି ଭଲ କାମ କଲେ ତାକୁ ସ୍ନେହ ଓ ପ୍ରଶଂସା ଅଜାଡ଼ି ଦିଅନ୍ତୁ। କେତେକ ଅଭିଭାବକ ନିଜ ପିଲାଙ୍କର କୌଣସି ପରିସ୍ଥିତିରେ ମଧ୍ୟ ସାମାନ୍ୟ ପଛୁଆ ବା ପରାଜୟକୁ ଗ୍ରହଣ କରିପାରନ୍ତିନି। ସବୁବେଳେ ଯେ ପିଲାଟି ସବୁକ୍ଷେତ୍ରରେ ଜିତି ପାରିବ ତାହା ତ ଠିକ୍ ନୁହେଁନା ତେଣୁ ଯଦି ଆପଣଙ୍କ ପିଲାଟି ହାରି ଯାଇଛି ତେବେ ତାକୁ ପ୍ରୋତ୍ସାହିତ କରନ୍ତୁ ଏହାକୁ ଆଉଥରେ ସାମ୍ନା କରିବାପାଇଁ। ଆପଣ ଭୁଲିଯାଆନ୍ତୁ ନାହିଁ ଯେ, ବିଜୟ ଓ ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆପଣମାନେ ଭାବୁଥିବେ ପିଲାଟି ସ୍କୁଲ ଯାଉଛିମାନେ ଆଉ କିଛି ଚିନ୍ତା ନାହିଁ। ଆପଣ ଭୁଲି ଯାଆନ୍ତୁ ନାହିଁ ଯେ ପିଲାଟିର ତା ନିଜ ଘର ହେଉଛି ପ୍ରଥମ ସ୍କୁଲ। ତା ବାପା-ମାଆ ହେଉଛନ୍ତି ତାର ପ୍ରଥମ ଗୁରୁ ଓ ଭରଷାଯୋଗ୍ୟ ବନ୍ଧୁ ମଧ୍ୟ। ବାପାମାଆଙ୍କ ଗୁଣ, ଚରିତ୍ର, ଆତ୍ମ ବିଶ୍ୱାସ, ସ୍ପଷ୍ଟବାଦୀତା, ଦୃଢ଼ଶକ୍ତି ଓ ସାହାସ ପିଲାମାନଙ୍କ ଠାରେ ପ୍ରତିଫଳିତ ହୁଏ ଏବଂ ଆପଣଙ୍କ ଅଜାଣତରେ ପିଲାମାନେ ଏ ଶିକ୍ଷା ପାଇଥାନ୍ତି। ତେବେ ଘରେ ଯଦି ଅଭିଭାବକମାନେ ତାକୁ ଅପମାନିତ କରନ୍ତି ସାମାନ୍ୟ ଛୋଟ ଛୋଟ କଥାକୁ ନେଇ ଗାଳି ଗୁଲଜ ବା ଘରେ ଝଗଡ଼ା ସୃଷ୍ଟି ହୁଏ କିମ୍ବା ବାପା-ମାଆଙ୍କ କୌଣସି ଖରାପ ଅଭ୍ୟାସ ଥାଏ ତେବେ ଏହା ପିଲାଟିର କୋମଳ, ନିଷ୍କପଟ ଓ ଶୁଦ୍ଧମନକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ଆଉଗୋଟିଏ କଥା ଦୃଷ୍ଟିରେ ରଖନ୍ତୁ ପିଲାଟି ବିଦ୍ୟାଳୟରେ ବା ଟ୍ୟୁସନରେ କୌଣସି ଘଟଣାକୁ ସାମ୍ନା କରିଥିଲେ ତା ଭିତରେ ସୁଯୋଗ ସୃଷ୍ଟି କରନ୍ତୁ ସେ ଯେପରି ଆପଣଙ୍କୁ ସବୁକଥା ଖୋଲିକରି କହିବ ଏବଂ ଏହା ସହ ଆପଣଙ୍କ ଠାରୁ ସମାଧାନର କୌଣସି ବାଟ ପାଇବ। ସେହିପରି ଅଭିଭାବକମାନେ ନିଜ ପରିବାର ବା କର୍ମକ୍ଷେତ୍ରର ଟେନ୍‌ସନ୍, ଅଭାବୀପଣ, ଦୁଃଖଦ ପରିସ୍ଥିତି ଯେପରି ପିଲାମାନଙ୍କ ସମ୍ମୁଖରେ ଆଲୋଚନା ନକରନ୍ତୁ। କାରଣ ଏହା ପିଲାଟିର କୋମଳମତି ମନ ଉପରେ ବେଶ ଗୁରୁତର ଭାବେ ପ୍ରଭାବ ପକାଏ। ଆପଣଙ୍କର ଅଫିସର କୌଣସି ଚାପ ବା ବୋଝ ପିଲାଟିକୁ ଭାରାକ୍ରାନ୍ତ ନକରେ। ଆପଣଙ୍କର ପିଲାଦିନର ଘଟଣା ନିଜ ପିଲାମାନଙ୍କୁ କୁହନ୍ତୁ ଯେପରି ତା ଭିତରେ କୌଣସି ଉତ୍ସାହ ଓ ପ୍ରେରଣା ଯେପରି ସୃଷ୍ଟି କରିବ। ଆଉ ଗୋଟିଏ ବଡ଼କଥା ହେଉଛି ଯଦିବା ଆପଣ ପିଲାଦିନେ କୌଣସି ପୁରସ୍କାର, ଶ୍ରେଷ୍ଠତା ପାଇଛନ୍ତି ଏହାକୁ ନିଜ ପିଲାଙ୍କ ଠାରେ ଜୋର ଜବରଦସ୍ତ ଆଶାନୁରୂପେ ପାଇବା ପାଇଁ ତାକୁ ବାଧ କରନ୍ତୁନାହିଁ। ଆପଣ ଜଣେ ଗୋଲଡ଼ ମେଡାଲିଷ୍ଟ ହୋଇପାରିଥାନ୍ତି ହେଲେ ଏହାର ମାନେ ନୁହେଁ ଯେ ଆପଣଙ୍କ ପିଲାଟି ଗୋଲଡ୍ ମେଡ଼ାଲ ପାଇବ। ମାଆଟି ଯଦି ଭଲ ଗୀତ ଗାଉଥାଏ ତେବେ ଝିଅ ଯେ ଗୀତ ଗାଇବା ପାଇଁ ବାଧ, ବା ତା ଗୀତ ନଗାଇପାରିବା ଏକ ଦୁର୍ଭାଗ୍ୟ ଏହାକୁ ଭାବନା ଭିତରକୁ ଆଣନ୍ତୁ ନାହିଁ। ପିଲାମାନଙ୍କ ଉପରେ ଆବଶ୍ୟକତା ଠାରୁ ଅଧିକ ଭରଷା ଅନୁଚିତ। ଅନ୍ୟ ସାଙ୍ଗସାଥୀଙ୍କ ସଫଳତାର ଉଦାହରଣ ଦେଇ ନିଜ ପିଲାମାନଙ୍କୁ ସର୍ବଗୁଣ ସମ୍ପନ୍ନ କରିଦେବା ପାଇଁ ବାଧ କରାନ୍ତୁନାହିଁ। ତେବେ ସେପରି କୌଣସି ଚାପଗ୍ରସ୍ତ ଅବସ୍ଥା ପିଲାଟିର ଦେଖିଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ।

+ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ମୋ : ୯୧୩୨୪୩୩୩୩୩




### ଜୀବନଟା ହୁଏ ଶେଷ ହେ ମଣିମା

**ସୁଶାନ୍ତ କୁମାର ମହାରଣା**

ଜଞ୍ଜାଳରେ ଆମେ ଛନ୍ଦି ହୋଇଅଛୁ
ବିଦେଶରେ ପୁଣି ବାସ
ରଙ୍ଗ ରସେ ମଜି ନାଚି ଗାଇବାକୁ
ବେଳ ବା ଅଣ୍ଟୁଛି କିଶ ।

ଧନ, ମାନ ପଛେ ଗୋଡ଼ାଇ ଗୋଡ଼ାଇ
ଜୀବନଟା ହୁଏ ଶେଷ
ସ୍ୱାର୍ଥପର ଏଇ ଦୁନିଆଁରେ ସବୁ
କାହାକୁ ନାହିଁ ବିଶ୍ୱାସ ।

କାହା ଆଗେ ଯାଇ ପତାଇବି ହାତ
ସବୁଠାରେ ଉପହାସ
ମାନ ବୋଲି କିଛି ନାହିଁ ତ ମୋଠାରେ
ପୁଣି ମୁଁ ଅଟଇ ନିସ୍ୱ ।

ବଢ଼ିଲା ନଈରେ କୁଟା ଖିଅ ପରି
ଭାସି ମୁଁ ଯେ ଯାଉଅଛି
ଜୀବନର ଗତି କେଉଁଆଡେ ଯାଏ
ପାରେନା ଜମାରୁ ବୁଝି ।

କେବେ କେଉଁଆଡୁ ବିପଦ ମାଡ଼ିବ
ଭାବି ହୁଅଇ କାତର
ଭାଗ୍ୟକୁ ମୁଁ ନିନ୍ଦି କରମରେ ଧନ୍ଦି
କାଳ କାଟେ ନିରନ୍ତର ।

ହେ ବିଧାତା ତୁମେ ଏଡେ କି ଦାରୁଣ
ତୁମ୍ଭେ କି ନ ଜାଣ କିଶ ?
ତୁମ୍ଭେ ସର୍ବେଶ୍ୱର ଆହେ ଜଗନ୍ନାଥ
ମୁହିଁ ଅଟେ ପରା ନିସ୍ୱ ।

ଜଞ୍ଜାଳ ବୋଝକୁ ମୁଣ୍ଡାଇ ମୁଣ୍ଡରେ
ଯୁଝେ ମୁଁ ଜୀବନ ଯୁଦ୍ଧ
ହାର ଜିତ୍ କିଛି ଜାଣି ବି ପାରେନା
ଜୀବନ ଟା ହୁଏ ଶେଷ
ହେ ମଣିମା
ଜୀବନଟା ହୁଏ ଶେଷ ।

+ଝାଟିପଦର, ପାଲୁରୁ (ଗଞ୍ଜାମ)
ମୋ: ୯୪୩୯୦୨୦୯୪୯

### ତୁମେ ଆଉ ମୁଁ

**ଜଗଦୀଶ ପଣ୍ଡା**

ରାତିର ଅନ୍ଧାର ଅବସାନ ପରେ
ସକାଳର ହୁଏ ଆଗମନ,
ଆଖି ଖୋଲୁ ଖୋଲୁ
ମୋ ଆଗରେ ଖାଲି
ତୁମରି ଚେହେରା ଉପସ୍ଥାନ,
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ
ସତେ କି ରୂପର ଲାବନ୍ୟ,

ଚେହେରା ଏକ ହେଲେ
ଅନୁଭୂତି ନୂଆ
ପ୍ରତିଦିନ ମୋହେ ମନ ପ୍ରାଣ,
ଇଚ୍ଛା ହୁଏ ନୀତି ବରଷା ପାଗରେ
ଭିଜି ବାକୁ ତୁମ ସହ ,
ଶିତର ରାତିରେ ଏକା ବସି ଦୁହେଁ
ଦେଖନ୍ତେ କି ଚାନ୍ଦ ଆକାଶର ,

ତୁମ ହାତେ ମୋର ହାତ ଛନ୍ଦି ହୋଇ
ଚାଲିବାକୁ ଇଚ୍ଛା ଜୀବନେ,
ଶୁଣି ତୁମ ଠାରୁ ଅସରନ୍ତି କଥା
ହସ ଥାଉ ନୀତି ମୋ ଓଠରେ,
କଥା ଦିଅ ସାଥୀ ଆମ ଏଇ ପ୍ରୀତି
ଯୁଗ ଯୁଗ ଥିବ ଅତୁଟ,

ଦୁହେଁ ମିଶି ଆମେ ସରଳେ ବଞ୍ଚିବା
ରହିବନି କିଛି ବିପଦ,
ତୁମ ଓଠର ସେ ମହୁ ଦିନେ ମୋର
ଜୀବନ କରିବ ମଧୁର,
ଚଲା ବାଟ ମୋର ପୁଷ୍ପ ଭରା ହେବ
ଯଦି ସାଥେ ଥିବ ତୁମେ ମୋର,

ପ୍ରତିଦିନ ମୋର ଆନନ୍ଦ ଉଲ୍ଲାସ
ଯଦି ଦେଖୁଥିବି ତୁମ ମୁଖ,
ଗଢ଼ିଦେବା ଦିନେ ସ୍ୱପ୍ନର ପାଲିଙ୍କି
ତୁମେ ଖାଲି ଥିବ ଆଉ ମୁଁ,
ଇଚ୍ଛା ସବୁ ଆଜି ସମୟ ହାତରେ
ପଡ଼ି ରହିଛି ଯେ ବନ୍ଧା,
ତୁମେ ସାଥେ ଥିଲେ ଜୀବନ ସୁନ୍ଦର
ଆଉ କିଛି ନୁହଁ ଲୋଡା ।

+ଅଲାଡିଗାଁ, ଗଂଜାମ

### କର୍ମ ଜଞ୍ଜାଳ

**ସୁନିତା ସାହୁ**

କର୍ମ ଜଞ୍ଜାଳରେ ବୁଡି ତୁ ରହୁଛୁ
ଟିକେ ତ ଶାନ୍ତିରେ ରହ,
ହେ ମଣିଷ ସଂଘର୍ଷ ମୟ ଜୀବନରେ
କେତେ ତୁ ଆଉ ସଂଘର୍ଷ କରିବୁ
ଟିକେ ତ ମୁକ୍ତିରେ ରହ ।
ମାୟା ମୋହ ତତେ ଗ୍ରାସ କରିଲାନି
ଲାଞ୍ଛନା ରେ ଆଜି ଲାଞ୍ଛିତ ହେଲୁଣି
ପଇସା ପଛରେ ଧଇଁ ସଇଁ
ହେଉ କେତେ
ପଇସା କି ନେଇ ଯିବୁ
ମଲା ବେଳେ ସତେ
ବିପଦ ଗ୍ରସ୍ତ ଜୀବନ
ବଞ୍ଚୁଛୁ ତୁ କେତେ ।
ଭବିଷ୍ୟତ ଖୁସି ପାଇଁ
ବର୍ତ୍ତମାନ କରୁ ନଷ୍ଟ
କେତେ ଦିନ ବଞ୍ଚି ଥିବୁ
ତାର ଅଛି କି ପ୍ରମାଣ ?
ବର୍ତ୍ତମାନର ଖୁସି କୁ ତୁ ଜାବୁଡ଼ି ଧର୍
କିଛି କ୍ଷଣ ଜୀବନକୁ ଉପଭୋଗ କର ।
ପୂଜା ଭକ୍ତି ପାଇଁ ତତେ ସମୟ ମିଳୁନି
ଦାନ, ଧର୍ମ, ପୁଣ୍ୟ ତତେ
କିଛି ଜଣା ନାହିଁ
ଭାବୁଛୁ ତୁ ମନେ ମନେ ଏହା ତୁଚ୍ଛ କାମ
ଏଥିରେ ତୋହର ହୁଏ ସମୟ କି ନଷ୍ଟ ?
ପାପ କର୍ମେ ସମୟ ତୋ
ହେଉନି କି ନଷ୍ଟ ।
ସକାଳଠୁ ସଂଜ ଯାଏ ପର ଚର୍ଚ୍ଚା କେତେ
ସତେ କଣ ମଣିଷ ତୁ ବେଇମାନି ଏତେ
ଦାନ, ଧର୍ମ ପୁଣ୍ୟ କର୍ମେ
ଲଗା ତୋର ମନ
କର୍ମ ବ୍ୟସ୍ତତା ରେ ମଧ୍ୟ ତୁ ନିଜେ
ନିଜକୁ ଖୋଜ
ପରିବାର ସାଙ୍ଗ ସାଥୀ ସହ ଖୁସି
ଟିକେ ବାଣ୍ଟି ଦେ
ଏହା ହିଁ ହେଉଛି ତ ପ୍ରକୃତ
ଶାନ୍ତି ମୟ ଜୀବନ ।

+ଧୂସର ବାହାଲ, ବରଗଡ଼
ମୋ - ୭୮୫୫୦୭୯୦୯୮

### ପାର୍ବତୀ ଈଶ

**ଗୋପାଳ କୃଷ୍ଣ ଶତପଥୀ**

ଉନକୋଟିଶ୍ୱର କରୁଣା ସାଗର
ବିଜେ ଲତାଦେଇପୁର
ପକ୍ଷେ ବଢୁଥାଅ ପକ୍ଷେ ଛିଡୁଥାଅ
ମହାଦେବ ମହେଶ୍ୱର ।

ଜଗତ ଗୋସାଇଁ ଫୁଟାଲିଙ୍ଗହୋଇ
ଗରିଆଗଣ୍ଡର କୂଳେ
ଜନ ପ୍ରବାଦରେ ତବ ମସ୍ତକରେ
କାଳୀ ଗାଈ କ୍ଷୀର ଢାଳେ
ପ୍ରତ୍ୟକ୍ଷ ଠାକୁର ଭକ୍ତଜନଙ୍କର
ମନବାଞ୍ଛା ପୂର୍ଣ୍ଣକର !

ବରଷକେ ଥରେ ଫାଲ୍‌ଗୁନ ମାସରେ
ଚତୁର୍ଦ୍ଦଶୀ ତିଥି ନିଶି
ରହି ଉଜାଗର ଜଳାଇ ଜାଗର
ନାମ ଜପେ ଭକ୍ତ ବସି
ହେ ପାର୍ବତୀ ଈଶ ଶିବ ଆଶୁତୋଷ
ସର୍ବ ପାପ ତାପ ହର !

+ଲତାଦେଇପୁର, ଢେଙ୍କାନାଳ
ମୋ:୯୧୭୮୯୬୧୯୭୭

# କଂଚାଲଙ୍କା ଖାଆନ୍ତୁ ସୁସ୍ଥ ରୁହନ୍ତୁ



କଂଚାଲଙ୍କା ଖାଇବାକୁ କେହି କେହି ଖୁବ୍ ଭଲ ପାଉଥିଲେ ହେଁ କେହିକେହି ଏହାକୁ ରାଗ ଲାଗୁଥିବା ଯୋଗୁଁ କମ୍ ଖାଇଥାଆନ୍ତି। ଲଙ୍କା ରାଗ ସତ, କିନ୍ତୁ ଏହାର ଫାଇଦା ଅନେକ। ତେବେ ଆସନ୍ତୁ ଜାଣିବା ଲଙ୍କାର ସୁଗୁଣ ବିଷୟରେ-

- କଂଚାଲଙ୍କାକୁ କୌଣସି ବ୍ୟଞ୍ଜନରେ ପକାଇ ଖାଇବା ଅପେକ୍ଷା ଅଲଗା ଭାବେ ଖାଇବା ଅଧିକ ଲାଭପ୍ରଦ ହୋଇଥାଏ। କଂଚାଲଙ୍କାରେ ଆଂଟି ଅକ୍ସିଡେଣ୍ଟ୍ସ ରହିଥାଏ, ଯାହା ଶରୀରରୁ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ।

- ଯଦି ଆପଣଙ୍କୁ ମ୍ୟାଲେରିଆ ଜ୍ୱର ହୋଇଛି ତେବେ କଂଚାଲଙ୍କାର ମଞ୍ଜି ବାହାର କରି ଅଙ୍ଗୁଠିରେ ବାନ୍ଧି ଦିଅନ୍ତୁ। ଏହାଦ୍ୱାରା ଜ୍ୱର ଆସିବା କିଛି ମାତ୍ରାରେ କମ୍ ହୋଇଯାଇଥାଏ।

-କଂଚାଲଙ୍କାରେ ଭିଟାମିନ-ସି ଥିବାରୁ ଏହା କ୍ୟାନ୍ସରରୁ ଦୂରେଇ ରହିଥାଏ। ତେଣୁ ପ୍ରତିଦିନ ଖାଇବା ବେଳେ କଂଚାଲଙ୍କା ଖାଇବାକୁ ଭୁଲନ୍ତୁ ନାହିଁ।

- ଆପଣ ଜାଣି ଆଶ୍ଚର୍ଯ୍ୟ ହେବେକି ଯଦି ଶରୀରରେ କୌଣସି ସ୍ଥାନରେ ଜଳାପୋଡ଼ା ହେଉଛି ତେବେସେ ସ୍ଥାନରେ କଂଚାଲଙ୍କାକୁ ବ୍ୟବହାର କରିପାରିବେ। କିନ୍ତୁ ଆର୍ୟୁବେଦ ଅନୁସାରେ ଲଙ୍କାରେ ଏପରି କିଛି ଗୁଣ ରହିଛି, ଯାହା ଆମମାନଙ୍କୁ ଅଗୋଚର। ଲଙ୍କାରେ ଟିକେ ପାଣି ଦେଇ ଏହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆପଣଙ୍କ ଶରୀରରେ ଜଳୁଥିବା ସ୍ଥାନରେ ଲଗାନ୍ତୁ। ଦେଖିବେ ଏଥିରେ ଥିବା ଆଂଟି-ଅକ୍ସିଡେଂଟ୍ସ କ୍ଷେତକୁ ଭଲ କରି ଦେଇଥାଏ।

- ଯଦି ଆପଣ ଦୁଃଖରେ ଅଛନ୍ତି, ତେବେ କଂଚାଲଙ୍କା ଖାଆନ୍ତୁ। ଏହା ଶୁଣି ଆପଣଙ୍କୁ ହୁଏତ ବିଶ୍ୱାସ ନ ଆସିପାରେ କିନ୍ତୁ କଥାଟି ସତ। ଦୁଃଖରେ ଥିବା ସମୟରେ ଆପଣ ଯଦି ଲଙ୍କା ଖାଉଛନ୍ତି ତେବେ ଦେଖିବେ ଆପଣଙ୍କ ମନଖୁସି ହୋଇଯିବ।

# ରକ୍ଷାକବଚ ମାଛ



ସବୁ ବର୍ଷ ଦିଲ୍ଲୀବାସୁଙ୍କୁ ଡେଙ୍ଗୁ-ମ୍ୟାଲେରିଆ ରୋଗରୁ ରକ୍ଷା କରିବା ପାଇଁ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଏକନିଆରା ପଦକ୍ଷେପ ନେଇଛି। ସ୍ୱାସ୍ଥ୍ୟ ବିଭାଗ ଏବେ ମଶାମାନଙ୍କ ବଂଶବୃଦ୍ଧିକୁ ମୂଳରୁ ନାଶ କରିବା ପାଇଁ ଏକ ମାଛର ସାହାରା ନେବାକୁ ଯାଉଛନ୍ତି। ଏହି ମାଛର ନାଁ ଗମ୍ବୁଜିଆ ଯାହାର ପସନ୍ଦର ଖାଇବା ହେଉଛି ମଶାମାନଙ୍କ ଡିମ୍ବ। ଦିଲ୍ଲୀକୁ ମଶା ଆତଙ୍କରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏହି ମାଛର ଏକ ଫୌଜକୁ ତିଆରି କରିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀର ଜାକିର ହୁସେନ୍ କଲେଜ ଏବଂ ସିଭିଲ ଲାଇସେନ୍ସରେ ଏକ ପୋଖରୀରେ ଏହି ମାଛମାନଙ୍କୁ ଛଡ଼ାଯାଇଅଛି। ପ୍ରାରମ୍ଭିକ ସ୍ତରରେ ଦିଲ୍ଲୀର ୧୨ଟି ଜୋନରୁ ୫୦ରୁ ଅଧିକ ସ୍ଥାନରେ ଏହି ମାଛମାନଙ୍କୁ ଛାଡ଼ିବାର ଯୋଜନା ରହିଛି। ଯେତେ ଶୀଘ୍ର ମଶାମାନଙ୍କ ବଂଶବୃଦ୍ଧି ହୁଏ ଠିକ୍ ସେହିପରି ଏହି ମାଛମାନଙ୍କ ମଧ୍ୟ ହୁଏ ଏବଂ ମାଛମାନେ ମଶାମାନଙ୍କ ଡିମ୍ବକୁ ଖାଇ ବଢ଼ିଥାନ୍ତି।

# କେମିତି ଛାଡିବେ ଧୂମ୍ରପାନ ? ଡାକ୍ତରଙ୍କ ପରାମର୍ଶ ଅନୁସାରେ କିଛି ଟିପ୍ସ

ଧୂମ୍ରପାନ ଆଜି ଆଧୁନିକ ଦୁନିଆଁରେ ଏକ ଫ୍ୟାସନ ପାଲଟି ଯାଇଛି । କିନ୍ତୁ ଧୂପ୍ରପାନ ଆମ ଶରୀର ପ୍ରତି ବହୁତ କ୍ଷତିକାରକ । ବିଡି, ସିଗାରେଟ୍, ଗଞ୍ଜେଇ ଭଳି ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କୁ କ୍ୟାନସର ହେବାର ଆଶଙ୍କା ଅଧିକ ରହିଥାଏ । ଧୂମ୍ରପାନ କରୁଥିଲେ ଫୁସଫୁସ କ୍ୟାନସର, ହାର୍ଟ ରୋଗ, ବ୍ଲକ ଭେସେଲ ନଷ୍ଟ, ଶ୍ୱାସ ପ୍ରଶ୍ୱାସ ନେବାର ଅସୁବିଧା, ପ୍ରଜନନ ସମସ୍ୟା, ଆଖି ରୋଗ ମଧ ହୋଇଥାଏ । ଧୂମ୍ରପାନ ଅଭ୍ୟାସ ମଧ ଛାଡିବା କଷ୍ଟକର । କିନ୍ତୁ ଏହା ଅସମ୍ଭବ ନୁହେଁ । ଡାକ୍ତରଙ୍କ ପରାମର୍ଶ ଅନୁସାରେ କିଛି ଟିପ୍ସ ଆପଣାଇଲେ ଆପଣ ବି ଧୂମ୍ରପାନ ଛାଡିପାରିବେ ।



## କେମିତି ଛାଡିବେ ଧୂମ୍ରପାନ ?

ଧୂମ୍ରପାନ ଛାଡିବା ପାଇଁ ପ୍ରଥମେ ଏକ ତାରିଖ ନିର୍ଦ୍ଧାରଣ କରନ୍ତୁଫ।
୨ରୁ ୪ ସପ୍ତାହ ମଧ୍ୟରେ ଏହି ତାରିଖ ବାଛନ୍ତୁ।
ଫଳରେ ଏଥିପାଇଁ ପ୍ରସ୍ତୁତ ହେବାକୁ ଓ ପ୍ଲାନ ବନାଇବାକୁ ସମୟ ମିଳିବ।
କ'ଣ ପାଇଁ, କାହିଁକି ଏବଂ କେଉଁଠି ଆପଣ ଧୂମ୍ରପାନ କରୁଛନ୍ତି ତାହା ଲେଖନ୍ତୁ।
ଏହାଦ୍ୱାରା ଧୁମପାନ ଛାଡିବା ପାଇଁ ଏକ ଷ୍ଟ୍ରାଟେଜି ବନାଇପାରିବେ।
ସେହି ସମୟ ଏବଂ ସ୍ଥାନକୁ ଆପଣ ଅଣଦେଖା କରିପାରିବେ।
ଧୁମପାନ ଛାଡିବା ନେଇ ତୁମର ସାଙ୍ଗ, ପରିବାର ଲୋକ, ସହର୍କମୀଙ୍କୁ ଜଣାଇଦିଅନ୍ତୁ।
ଜଣାଇବା ସହ ସେମାନଙ୍କୁ ସହଯୋଗ କରିବାକୁ କୁହନ୍ତୁ।
ଧୁମପାନ କଲେ ଶରୀର ପ୍ରତି କ'ଣ କ୍ଷତିକାରକ ଜାଣନ୍ତୁ।
ଆବଶ୍ୟକ ସ୍ଥଳେ ନିକୋଟିନ୍ ରିପ୍ଲେସମେଂଟ୍ ଥେରାପି ଗ୍ରହଣ କରନ୍ତୁ।
ଅର୍ଥାତ୍ ସିଗାରେଟ୍ ପରିବର୍ତ୍ତେ ନିକୋଟିନ୍ ଯୁକ୍ତ ଚୁଇଗମ୍ ଖାଆନ୍ତୁ।
ନିଜର ଇଚ୍ଛାକୁ ନିୟନ୍ତ୍ରଣ କରିବାକୁ ଯୋଜନା ପ୍ରସ୍ତୁତ କରନ୍ତୁ।
କିଛି ସମୟ ଚାଲିବା ଅବା କିଛି ସମୟ ଦିର୍ଘ ନିଶ୍ୱାସ ନିଅନ୍ତୁ।
ନିଜକୁ ଯେତେ ସମ୍ଭବ ବ୍ୟସ୍ତ ରଖିବାକୁ ପ୍ରୟାସ କରନ୍ତୁ।
ଜୀବନରେ ନୂଆ ହବି ତଥା ସଉକ, ନୂଆ କାର୍ଯ୍ୟକ୍ରମ ସାମିଲ କରନ୍ତୁ।
କିଛି ବହି, ମେଗାଜିନ ପଢାପଢି କରିପାରିବେ।
ମନେ ରଖନ୍ତୁ ଧୂମ୍ରପାନ ଛାଡିବା ଏକ ପ୍ରକିୟା।
ଯଦି କେବେ ପୁଣି ଧୂମ୍ରାପାନ କରୁଛନ୍ତି ଏଥିପାଇଁ ବ୍ୟସ୍ତ ହଅନ୍ତୁ ନାହିଁ।
ନିଜ ଉପରେ ବିଶ୍ୱାସ ରଖନ୍ତୁ ଏବଂ ପ୍ରକିୟା ଅବଲମ୍ବନ କରନ୍ତୁ।

# ମା'କ୍ଷୀର ଭଲ କରିବ କ୍ୟାନ୍ସର



ମା' କ୍ଷୀରରୁ ବୈଜ୍ଞାନିକମାନେ କ୍ୟାନ୍ସର ଭଲ କରିବାରର ଉପାଦାନ ପାଇ ଯାଇଛନ୍ତି। ଏିହ ଉପାଦାନ ଟ୍ୟୁମର କୋଷିକାକୁ ନିପାତ କରିପାରେ। ଏହାକୁ ସେମାନେ 'ହାମଲେଟ' ବୋଲି ନାମିତ କରିଛନ୍ତି। 'ହାମଲେଟ' ଭଲ କୋଷିକାକୁ କୌଣସି କ୍ଷତି ନପହଂଚାଇ କ୍ୟାନ୍ସର ଗ୍ରସ୍ତ କୋଷିକାକୁ ନଷ୍ଟ କରିପାରିବ ବୋଲି ଗବେଷକମାନେ କହିଛନ୍ତି। କ୍ୟାନ୍ସର ରୋଗୀଙ୍କ ଶୃରୀରରେ 'ହାମଲେଟ୍'କୁ ଇଞ୍ଜେକ୍ସନ ମାଧ୍ୟମରେ ଦେବାର କିଛି ଦିନ ମଧ୍ୟରେ ଏହା କାମ କରିଥାଏ।

ବ୍ଲାଡ଼ର କ୍ୟାନ୍ସରରେ ପୀଡ଼ିତ ଲୋକଙ୍କ ଉପରେ ଏହାର ପରୀକ୍ଷଣରୁ ସନ୍ତୁଷ୍ଟଜନକ ପରିଣାମ ମିଳିଛି। ଗବେଷକମାନେ ଅନୁମାନ କରିଛନ୍ତି ଯେ, ହାମଲେଟ ବାଓ୍ୱେଲ କ୍ୟାନ୍ସର ଓ ସର୍ଭିକାଲ କ୍ୟାନ୍ସର କ୍ଷେତ୍ରରେ ବି ଲାଭଦାୟକ ବେହ। ପ୍ରଫେସର କ୍ୟାଥରିନା ସାଭନବର୍ଗ ଏହି ତଥ୍ୟ ଆବିଷ୍କାର କରିଛନ୍ତି। ସ୍ୱିଡ଼େନର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ଇମିନୋଲଜିଷ୍ଟ ପ୍ରଫେସର ଭାବେ କାମ କରୁଥିବା ସାଭନବର୍ଗ କହିଛନ୍ତି, ମା' କ୍ଷୀରରେ ଏକ ପ୍ରୋଟିନ ରହିଛିଯାହାକୁ ଆଇଫାଲା - କଟାଲବୁମିନ କୁହାଯାଏ। ଏହାହିଁ ପରବର୍ତ୍ତୀ ସମୟରେ ଅନ୍ତନଳୀରେ କ୍ୟାନ୍ସର ସହିତ ଲଢ଼ିବାଅର ଉପାଦାନ ପାଲଟିଯାଏ।

# କିଡ୍‌ନୀ ବିକିବା ପାଇଁ ଅନୁମତି ଲୋଡ଼ିଲେ ଶ୍ରମିକ

ଜଣେ ଗରିବ ଶ୍ରମିକଙ୍କୁ ପୁଅର ଚିକିତ୍ସା ପାଇଁ ଋଣ ବୋଝ ଏତେ ବାଧିଛି ଯେ ସେ ଏବେ ନିଜ କିଡନୀ ବିକିବା ପାଇଁ ଅନୁମତି ଲୋଡ଼ିଛନ୍ତି ଜିଲ୍ଲାପାଳଙ୍କର। ମଙ୍ଗଳବାର କୃଷକ ଜଣକ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚିବା ଏବଂ ଏହି ଅନୁରୋଧ କରବା ରାଜ୍ୟ ସରକାର ଓ ପ୍ରଶାସନିକୁ ଦୃଢ଼ ଚିନ୍ତାରେ ପକାଇଛି।

ଡୋମରି ଅଂଚଳରେ ରହୁଥିବା ମଙ୍ଗଳ ପ୍ରସାଦ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ବଡ଼ପୁଅ ଟିବିରେ ଆକ୍ରାନ୍ତ ହୋଇଥିଲା ବେଳେ ତା'ର ଚିକିତ୍ସା ପାଇଁ ମଙ୍ଗଳ ବିଭିନ୍ନ ଲୋକଙ୍କ ଠାରୁ ଋଣ କରିଥିଲେ। ଏବେ ଋଣ ଭାର ଏତେ ବଢ଼ିଯାଇଛି ଯେ ମଙ୍ଗଳ ତାକୁ କିପରି ପୈଠ କରିବେ ସେହି ଚିନ୍ତାରେ ଅଛନ୍ତି। ଆଉ ଅର୍ଥ ଦେଇଥିବା ଲୋକମାନେ ମଧ୍ୟ ତାଙ୍କୁ ନାନା ପ୍ରକାର ହଇରାଣ କରୁଛନ୍ତି। ଏଥିରେ ଭୟଭୀତ ମଙ୍ଗଳ ଜିଲ୍ଲାପାଳ ଯୋଗେଶ୍ୱର ରାମ ମିଶ୍ରଙ୍କୁ ଭେଟି କିଡନୀ ବିକିବାର ଅନୁରୋଧ କରିଥିଲେ ଏଥିସହ ସେ ଏକ ପତ୍ର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି।

# ମିଳିବ ଅଂଟା ଯନ୍ତ୍ରଣାରୁ ମୁକ୍ତି



ଅଧିକ ସମୟ ବସି କାର୍ଯ୍ୟ କରିବା, ଠିଆ ହେବା, ଏକୁଟିଆ ଭୁଲ୍ ଉପାୟରେ ଓଜନିଆ ଜିନିଷ ଉଠାଇବା କାରଣରୁ ଅଣ୍ଟା ବ୍ୟଥା ହୋଇପାରେ। ଅଣ୍ଟା ବ୍ୟଥାର ଅନେକ କାରଣ ହୋଇପାରେ। କିନ୍ତୁ ଅଧିକାଂଶ ମାଂସପେଶୀରେ ଟାଣିହେବା ସ୍ପାଇନାଲ କର୍ଡ଼ ହାଡ଼ରେ ଯନ୍ତ୍ରଣା ହେବା ସହ ଅଂଟା ବ୍ୟଥା ହୋଇଥାଏ। ଯଦି ନିଜ ଦୈନନ୍ଦିନ ଅଭ୍ୟାସକୁ ପରିବର୍ତନ କରିପାରନ୍ତି ଅଂଟ ବ୍ୟଥାରୁ ଦୂରେଇ ରହିବେ। ଭଲ ନିଦ ପାଇଁ ଅନେକ ଲୋକ ତକିଆ ବ୍ୟବହାର କରିଥାନ୍ତି। କିନ୍ତୁ ପାଦର ତଳ ଭାଗରେ ତକିଆ ରଖିବା ଦ୍ୱାରା ନିଦ ଭଲ ହୋଇଥାଏ, ଏବଂ ଅଂଟା ବ୍ୟଥାରୁ ଆରାମ ମିଳିଥାଏ। ପାଦ ତଳେ ତକିଆ ରଖିବା ଦ୍ୱାରା ଅଣ୍ଟା ଉପରେ ଚାପ କମ୍ ପଡ଼ିଥାଏ। ଏକ୍ସପର୍ଟଙ୍କ କହିବାନୁସାରେ ପିଠିମାଡ଼ି ଶୋଇବା ସମୟରେ ପ୍ରାୟ ୫୫ପାଉଣ୍ଡ ଓଜନ ମେରୁ ଉପରେ ରହିଥାଏ। ଯଦି ଆଣ୍ଠୁ ତଳେ ତକିଆ ରଖାଯାଏ, ମେରୁଦଣ୍ଡ ଉପରେ ପଡୁଥିବା ଓଜନ ଅଧା ହୋଇ ଯାଇଥାଏ। ହାଡ଼ ସମ୍ବନ୍ଧିତ ସମସ୍ୟାରୁ ବର୍ତିବାକୁ ହେଲେ, ନିଜ ଖାଦ୍ୟପେୟର ଧ୍ୟାନ ରଖିବା ଉଚିତ। କ୍ୟାଲସିୟମ ଭିଟାମିନ-ଡି ଯୁକ୍ତ ଆହାର ନିଅନ୍ତୁ। କ୍ୟାଲସିୟମ ପାଇଁ କ୍ଷୀର, ଦହି, ପନୀର ବ୍ୟତୀତ ସବୁଜ ପରିବା ଲାଭଦାୟକ। ଡାକ୍ତରଙ୍କ ପରାମର୍ଶ କ୍ରମେ ଭିଟାମିନ୍ ସପ୍ଲିମେଣ୍ଟ ନେଇପାରନ୍ତି।

# ପାଚନ କ୍ରିୟା ଠିକ୍ କରେ ମଣ୍ଡୁକାସନ



ପ୍ରଥମେ ଆସନ ଉପରେ ସୁପ୍ତ ବଜ୍ରାସନ ମୁଦ୍ରାରେ ବସନ୍ତୁ। ଡାହାଣଗୋଡ଼ ଉପରେ ଅଧିକ ଭାର ଦେଇ ବାମ ପାଦକୁ ନିତମ୍ବର ବାମ ପାଖକୁ ନନିଅନ୍ତୁ। ଏବେ ଶରୀର ଭାର ବାମ ପାଖକୁ ଦେଇ ଡାହାଣ ପାଦକୁ ଡାହାଣ ପାଖକୁ ନିଅନ୍ତୁ। ଦୁଇ ହାତକୁ ଭୂମି ଉପରେ ରଖି ତା' ଉପରେ ସମସ୍ତ ଶରୀରର ଭାର ରଖିବାକୁ ଚେଷ୍ଟା କରନ୍ତୁ। କଷ୍ଟ ଲାଗିଲେ ମଧ୍ୟ ଦୁଇ ହାତ ଦୁଇ ପାଖରେ ଭୂମି ଉପରେ ରଖି ଶରୀରର ଭାର ସମ୍ଭାଳନ୍ତୁ ଓ ଦୁଇ ଆଣ୍ଠୁକୁ ପୃଥକ କରନ୍ତୁ। ବାମ ଆଣ୍ଠୁ ବାମକୁ ଓ ଡାହାଣ ଆଣ୍ଠୁ ଡାହାଣକୁ ଘୁଂଚାନ୍ତୁ। ଯେତେ ସମ୍ଭବ ଦୁଇ ଆଣ୍ଠୁ ପରସ୍ପର ଠାରୁ ଦୂରେଇ ରଖନ୍ତୁ। ଦୁଇ ହାତ ପାପୁଲି ଦୁଇ ଆଣ୍ଠୁ ଉପରେ ରଖନ୍ତୁ। ମେରୁଦଣ୍ଡ ଯେପରି ସିଧା ରହିବ। ଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ରହିବା ଉଚିତ। ଦୃଷ୍ଟିସାମନାକୁ ରହିବା ଉଚିତ। ୮ ରୁ ୧୦ ସେକେଣ୍ଡ ଏହି ସ୍ଥିତିରେ ରହି ବିଶ୍ରାମ ନେଇ ପୁଣି ପୁନରାବୃତ୍ତି କରନ୍ତୁ। ଏହାକୁ କଲାବେଳେ ଦୁଇ ହାତ ଓ ବେକ ସିଧା ରହିବା ଉଚିତ୍। ଯେପରି ଅଂଟା ବାଙ୍କିବ ନାହିଁ। ଏହାକୁ କରିବା ଦ୍ୱାରା ନିତମ୍ବର ଶୋଭା ବୃଦ୍ଧି ପାଇବ,ଜଙ୍ଘ, ନିତମ୍ବ, ଗୋଡ଼, ପ୍ରଜନନ ଅଙ୍ଗ ସୁସ୍ଥ ସବଳ ରହିବ, ଯୌନ କ୍ଷମତା ବଢ଼ିବ, ଅର୍ଶ କଷ୍ଟରୁ ଆରାମ ମିଳିବ, ପାଚନ କ୍ରିୟା ଅଧିକ ସକ୍ରିୟ ହେବା ସହିତ ସ୍ତ୍ରୀ,ପୁରୁଷ ଉଭୟଙ୍କର ଅଣ୍ଟା ଅଂଶରୁ ସ୍ନାୟୁମଣ୍ଡଳ ସୁସ୍ଥ ସବଳ ରହିଥାଏ।

# ସନ୍ଧାନୀ ଆପ୍

ହାଇଦ୍ରାବାଦ ସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବାକେନ୍ଦ୍ର ପକ୍ଷରୁ ଏକ ନୂଆ ମୋବାଇଲ୍ ଆପ୍ ବିକଶିତ କରାଯାଇଛି। 'ସାରାଡ୍' ଭାବେ ଏହା ନାମିତ। ଗଭୀର ସମୁଦ୍ରରେ ଚଉଷଠି ପ୍ରକାର ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଏହାକୁ ଉପଯୋଗ କରିହେବ। ଏହା ଦ୍ୱାରା ଠିକଣା ସମୟରେ ଧନ-ଜୀବନ ସମ୍ପର୍କରେ ସୂଚନା ମିଳିବା ସହ ସେଗୁଡ଼ିକ ସୁରକ୍ଷିତ ରଖିହେବ। ସମୁଦ୍ର ତଟରକ୍ଷୀବାହିନୀ, ଭାରତୀୟ ନୌସେନା ତଥା ସମୁଦ୍ରକୂଳ ପୋଲିସକୁ ଏହି ଆପ୍ ଅତ୍ୟନ୍ତ ସହାୟକ ହେବ।

# ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ ଏହି ପ୍ରାଣୀ

ସମୁଦ୍ରର ୧୩ହଜାର ଫୁଟ୍ ଗଭୀରାରେ ଟାରଡିଗ୍ରେଡ୍ ପ୍ରଜାତିର ପ୍ରାଣୀ ଦେଖାଯାଏ। ୧୭୭୭ରେ ଜନୈକ ଆମେରିକୀୟ ବିଶେଷଜ୍ଞ ଏହି ପ୍ରାଣୀକୁ ଠାବ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରାଣୀର ୧,୧୫୦ଟି ପ୍ରଜାତି ଠାବ ହୋଇଛି। ୮ଟି ଗୋଡ଼ ଥିବା ଏହି ପ୍ରାଣୀ ଉପରେ ଗତ ୧୦ବର୍ଷହେଲା ଜାପାନୀ ବିଶେଜ୍ଞେ ଦଳ ଗବେଷଣା କରୁଛନ୍ତି। ମୁଖ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ଏହି ପ୍ରାଣୀ ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ। ଅତି କମରେ ୧୦କୋଟି ବର୍ଷ ଗଭୀର ପାଣିରେ ଏହି ପ୍ରାଣୀ ବେଶ୍ ଆରାମରେ ଜୀବନ ଅତିବାହିତ କରିବ।

# ରାଶି ଅନୁଯାୟୀ ଦାନ



ରାଶି ଅନୁଯାୟୀ ଦାନକଲେ ଲାଭ, ସୁଖ, ଶାନ୍ତି ପ୍ରାପ୍ତ ହୋଇଥାଏ। ଏହାବ୍ୟତୀତ ଘରକୁ ନକାରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ କମିଯାଇଥାଏ। ତେବେ ଆସନ୍ତୁ ଜାଣିବା କେଉଁ ରାଶିର ବ୍ୟକ୍ତି କ'ଣ ଦାନ କରିବା ଉଚିତ୍। ମେଷ ରାଶି ବ୍ୟକ୍ତି ମୁକ୍ତ ହସ୍ତ ଓ ସ୍ୱଚ୍ଛ ମନରେ ତମ୍ବା ବସ୍ତୁ ଦାନକଲେ ଅଶେଷ କୃପା ଅର୍ଜନ କରିପାରିବେ। ସେହିପରି ବୃଷଭ ରାଶି ବ୍ୟକ୍ତି ଚାନ୍ଦି, ମିଥୁନ ରାଶି ବ୍ୟକ୍ତି ହଳଦିଆ ବସ୍ତ୍ର, କର୍କଟ ରାଶି ବ୍ୟକ୍ତି ଧଳା ରଙ୍ଗର ରେଶମ ବସ୍ତ୍ର, ସିଂହ ରାଶି ବ୍ୟକ୍ତି ଗୁଡ଼ ଓ ଗହମ କନ୍ୟା ରାଶି ବ୍ୟକ୍ତି ଗୋଟା ମୁଗ, ତୁଳା ରାଶି ବ୍ୟକ୍ତି ଗୁଡ଼, ବିଛା ରାଶି ବ୍ୟକ୍ତି ଲାଲ ରଂଗର ବସ୍ତ୍ର, ଧନୁ ରାଶି ବ୍ୟକ୍ତି ସ୍ୱର୍ଣ୍ଣ, ମକର ରାଶି ବ୍ୟକ୍ତି କମ୍ବଳ, କୁମ୍ଭରାଶି ବ୍ୟକ୍ତି ଘୃତ ଓ ମୀନ ରାଶି ବ୍ୟକ୍ତି ଚଣା ଡାଲି ଦାନକଲେ ପରିବାରରେ ଶାନ୍ତି ଓ ନକାରାତ୍ମକ ଶକ୍ତିଠାରୁ ବ୍ୟକ୍ତି ନିଜକୁ ସୁରକ୍ଷିତ କରିପାରିଥାଏ।

# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ

ଚମ୍ପୁଆ, ୧୮/୬ (ନି.ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ତ୍ରିଦିବସୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଘାଟିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଉପସଭାପତି ସଦାନନ୍ଦ ଦେହୁରୀ, ଶିକ୍ଷା ବିକାଶ ସମିତି ଓଡିଶା, ଉତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସଂକୁଳ ପ୍ରମୁଖ ପ୍ରଶାନ୍ତ କୁମାର ନନ୍ଦ, ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ସଦସ୍ୟା ପ୍ରଭାସିନୀ ନାଏକ, ସଦସ୍ୟା ମିନତି ମହାନ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟଶାଳାରେ ଶିଶୁ ପ୍ରାରମ୍ଭ ଠାରୁ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ୧୨୨ ଜଣ ଆଚାର?ୟ ଆଚାର୍ଯ୍ୟ କାର୍ଯ୍ୟଶାଳାରେ ଉପସ୍ଥିତ ରହି ଶିକ୍ଷା ଗ୍ରହଣ କରିଥିଲେ । ଏଥିରେ ମୋଟ ୧୬ଟି କାଳାଶ ରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟସୂଚୀ ରହିଛି । ଏହି କାର୍ଯ୍ୟଶାଳାରେ ଚମ୍ପୁଆ ସଂକୁଳର ମୋଟ ୧୧ଟି ଶିଶୁ ମନ୍ଦିରର ଗୁରୁଜୀ ଗୁରୁମାଆ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଅଧିକାରୀ ମାନେ ଜାତୀୟ ଶିକ୍ଷାନୀତି - ୨୦୨୦ ଆଧାରିତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଶିକ୍ଷା ଓ ପ୍ରଚଳିତ ଶିକ୍ଷାନୀତି ଉପରେ ଆଲୋକପାତ କରିବା ସହିତ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷାର ମହାନ୍ ଦିଗ ଓ ଏହାର ଗୁରୁତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ ।

# କୃଷି ଓ କୃଷକର ବିକାଶ ପାଇଁ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ ନିତ୍ୟାନନ୍ଦ

କେନ୍ଦ୍ରାପଡ଼ା, ୧୮/୬ (ନି.ପ୍ର): "ଅନ୍ନଦାତା ହିଁ ଏ ଜାତିର ମେରୁଦଣ୍ଡ। ସେମାନଙ୍କ ବିକାଶରେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରାଯାଇ ପାରିବ। ତେଣୁ ରାଜ୍ୟରେ କୃଷି ଓ କୃଷକଙ୍କ ବିକାଶ ଦିଗରେ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଥମ କ୍ୟାବିନେଟ୍ ବୈଠକରେ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ମୂଲ୍ୟରେ କ୍ରୟ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି।" ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ବଂଟନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍କୁଲ୍ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ପଛୁଆବର୍ଗ କଲ୍ୟାଣ, ସାମାଜିକ କଲ୍ୟାଣ ଓ ସଶକ୍ତି କରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ାର ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଯୋଗ ଦେଇ କହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେଇ ସେମାନଙ୍କ ବିକାଶ ପାଇଁ ସେ କାର୍ଯ୍ୟ କରିବେ। ଚାଷ ଜମିରେ ଜଳସେଚନ ଓ ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦିଗରେ ସେ ପ୍ରାଥମିକତା ଦେବେ। ସୂଚନା ଯୋଗ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ହଜାର ଟଙ୍କା ପ୍ରେରଣ ଯାଇଛି। ଦେଶରେ ମୋଟ୍ ୯.୨୬ କୋଟି ଚାଷୀଙ୍କୁ ମୋଟ୍ ୨୦ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଯୋଜନାରେ ମୋଟ୍ ୧ ଲକ୍ଷ ୭୫ ହଜାର ୭୪୧ଜଣ ଚାଷୀ ନାମ ପଂଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଆଜି ୧ଲକ୍ଷ ୨ହଜାର ୮୯୮ଜଣ ଚାଷୀଙ୍କ ଖାତାକୁ ଟଙ୍କା ପ୍ରେରଣ କରାଯାଇଛି। ବଳକା ୭୨ ହଜାର ୮୪୩ ଜଣ ଚାଷୀଙ୍କ ଖାତାକୁ ବିଭିନ୍ନ କାରଣରୁ ଟଙ୍କା ପ୍ରେରଣ ହୋଇପାରି ନଥିବା ବେଳେ ଆଗାମୀ ଦିନରେ ସମସ୍ୟାର ସମାଧାନ କରି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଆର୍ଥିକ ସହାୟତା ସେମାନଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡକ୍ଟର ମନୋଜ କୁମାର ଚାନ୍ଦ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତି ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତି ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡକ୍ଟର ଅରବିନ୍ଦ ଦାସଙ୍କ ସମେତ ବହୁ ସଂଖ୍ୟକ ନିମନ୍ତ୍ରିତ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ସହାୟତା କରିଥିଲେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦେବବ୍ରତ ଡଲାର ଏବଂ ତାଙ୍କର ସହଯୋଗୀ।

# ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତଥା ଏହାର ସୁ-ପରିଚାଳନା ନିମନ୍ତେ ବୈଠକ

ବଲାଙ୍ଗୀର, ୧୮/୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଜରୁରୀ କାଳୀନ ବିଭାଗ ଦ୍ୱାରା ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତଥା ଏହାର ସୁ-ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଟେବଲ ଟୋପ ଏକସରସାଇଜ କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ସହରାଂଚଳ ଉନ୍ନୟନ ସଂସ୍ଥା ଶ୍ରୀ ପ୍ରଫୁଲ୍ଲ କୁଜର, ବଲାଙ୍ଗୀର ଉପଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ପ୍ରଧାନ ଓ ପର୍ଯ୍ୟବେକ୍ଷକ, ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଶ୍ରୀ ପ୍ରଭୁଦତ ପାଢୀ ପ୍ରମୁଖ ମଂଚାସୀନ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀଣୀ ଶ୍ରୀମତୀ ସସ୍ମୀତା ପ୍ରଧାନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତୃପକ୍ଷଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଭୂମିକା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ବଲାଙ୍ଗିର ଜିଲ୍ଲା ରେ ବିପର୍ଯ୍ୟ ପ୍ରସ୍ତୁତି ଓ ବିପର୍ଯ୍ୟ ପ୍ରଶମନ ସମ୍ପର୍କରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବାସହ ଏହାର ସୁପରିଚାଳନା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ,ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଓ ଜରୁରୀ ସେବା ଯୋଗାଉଥିବା ସମସ୍ତ କାର୍ଯ୍ୟାଳୟ ଗୁଡିକରେ କଂଟ୍ରୋଲ ରୁମ ଖୋଲାଯିବା, ଖାଦ୍ୟଶସ୍ୟର ରକ୍ଷଣାବେକ୍ଷଣ, ବନ୍ୟା ପ୍ରବଣ ଅଂଚଳ ତଥା ତଳି ଅଂଚଳଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଗୁଡିକ ଚିହ୍ନଟ, ବର୍ଷା ପୂର୍ବରୁ ସମସ୍ତ ନାଳଗୁଡିକୁ ସଫା କରିବା, ଜଳ ଯୋଗାଣକୁ ସୁବନ୍ଦୋବସ୍ତ କରିବା ସହ ନିୟମିତ ସମୟ ବ୍ୟବଧାନ ରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା, ବିଦ୍ୟୁତ ସରବାହ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ, ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବା, ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା ତଥା ବନ୍ୟା ପ୍ରବଣ ଅଂଚଳ ଏବଂ ଦୁର୍ଗମ ଅଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା, ଅଗ୍ନି ନିରାପତା, ଓଡ୍ରାଫ ୟୁନିଟ, ବଲାଙ୍ଗୀରର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରା ଯାଇଥିଲା। ଏତଦବ୍ୟତୀତ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟା ର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଯନ୍ତ୍ରୀ , ଜଳ ସେଚନ ବିଭାଗ, ଗୋବର୍ଦ୍ଧନ ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜନ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଜନ୍ତ୍ରୀ ରାଜେଶ କୁମାର ବେହେରା, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ରୌପ୍ୟ ରଞ୍ଜନ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ, ବଲାଙ୍ଗୀର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି , ସହାୟକ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଟିଟିଲାଗଡ, ସହାୟକ ନିର୍ବାହୀ ଅଧିକାରୀ, ରାଜ୍ୟ ରାଜପଥ ବିଭାଗ, ଟିଟିଲାଗଡ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗ ସୁବ୍ରତ କୁମାର ସେଠ, ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ, ବେଣୁଧର ପାଣିଗ୍ରାହୀ, ଡୁଡ଼ା, ବଲାଙ୍ଗୀର ମୁକେଶ କୁମାର ସିଂ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ, ସିଡ଼ିଭିଓ ଡ଼ଃ. ସୁକୁରାମ ମୁଣ୍ଡ ଏବଂ ଓଡ୍ରାଫର କର୍ମଚାରୀ ପ୍ରମୁଖ ଯୋଗଦାନ ଦେଇଥିଲେ ।

# ଆଗକୁ ପବିତ୍ର ରଥଯାତ୍ରା ଗୁଣ୍ଡିଚା ମନ୍ଦିର ଓ ବଡ଼ଦାଣ୍ଡ ଅବସ୍ଥା ବେହାଲ ମରାମତି ଦାବି

ସୁବର୍ଣ୍ଣପୁର, ୧୮/୬ (ନି.ପ୍ର): ଆସନ୍ତା ମାସରେ ଆସୁଛି ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସୁବର୍ଣ୍ଣପୁର ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ମଧ୍ୟ ସରିଲାଣି କିନ୍ତୁ ମହାପ୍ରଭୁଙ୍କ ମାଉସୀ ମନ୍ଦିର ଅବସ୍ଥା ଠିକ୍ ନ ଥିବା ବେଳେ ବଡ଼ଦାଣ୍ଡ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି। ପଶ୍ଚିମ ଓଡିଶାର ସବୁଠୁ ଉଚ୍ଚତମ ଏହି ପ୍ରାଚୀନ ମନ୍ଦିର ରେ ପିପଳ ଗଛ ଗୁଡିକ ବଡ ବଡ ହୋଇ ଚେର ମାନ ମନ୍ଦିର କାନ୍ଥକୁ ପ୍ରବେଶ କରିବା ଦ୍ୱାରା କାନ୍ଥଗୁଡିକ ଫାଟି ଗଲାଣି। ଆଗକୁ ବର୍ଷା ହେଲେ ପାଣି ଗଳିବା ଥୟ ଏନେଇ ମନ୍ଦିର ର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନ ଉଠେଇଲେଣୀ ବୁଦ୍ଧିଜୀବି। ଅନ୍ୟ ପକ୍ଷରେ ଯାହା ଜଣାପଡ଼ିଛି ମନ୍ଦିର ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଥାଇ ମଧ୍ୟ ରକ୍ଷଣକ୍ଷ ବେକ୍ଷଣ କାମ ହେଉନି, ପ୍ରଶାସନ ସ୍ଥାଣୁ ପାଲଟି ଯାଇଛି।ସେପଟେ ବଡଦାଣ୍ଡ ମଧ୍ୟ ଖାଲ ଖମା ରେ ଭର୍ତି। ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଂଚିବା ନେଇ ସନ୍ଦେହ ସୃଷ୍ଟି କରିଛି। ଯଦି ବି ପହଂଚିବ ରଥ ଅଖ ବାରମ୍ବାର ଭାଙ୍ଗିବା ନେଇ ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି। ବଡ଼ଦାଣ୍ଡ ର ଗଙ୍ଗାଧର ମେହେର ଛକ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ୧୪ ବର୍ଷ ହେଲା ଏଥି ପାଇଁ ଟଙ୍କା ଟିଏ ମଧ୍ୟ ଖର୍ଚ୍ଚ ହୋଇନାହିଁ। ଏଥି ପାଇଁ ଜନସାଧାରଣ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପ୍ରଶାସନ ଠିକ୍ ରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜନସାଧାରଣ ଦାବୀ କରିଛନ୍ତି।

# ଦୁଇଟି କାରରୁ ଚାଲାଣ ବେଳେ ୫୦ ଗଞ୍ଜେଇ ଜବତ୍ ଦୁଇ ଗିରଫ

କନ୍ଧମାଳ, ୧୮/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ଅବକାରୀ ବିଭାଗ ପକ୍ଷରୁ ଖଜୁରୀପଡ଼ା ଗଡ଼ପଦର ରେ ପାଟ୍ରୋଲିଂ ଚାଲିଥିଲା। ଫୁଲବାଣୀରୁ ଦୁଇଟି କାର(ଓଡି ୦୨ ଏଫ୍ ୮୨୭୩ ଏବଂ ଓଆର ୦୨ ବିବି ୩୬୯୭)କୁ ଯାଂଚ କରାଯାଇଥିଲା। ଗୋଟିଏ ଗାଡ଼ିରୁ ୪୦ କେଜି ଓ ଅନ୍ୟ ଗାଡ଼ିରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଦୁଇଟି ଗାଡ଼ିରେ ଫିରିଙ୍ଗିଆରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରାଯାଉଥିଲା। ଏହି ମାମଲାରେ ଅବକାରୀ ବିଭାଗ ସଦର ଥାନା ଅନ୍ତର୍ଗତ ବିଶିପଡ଼ା ଅଂଚଳର ନିରଞ୍ଜନ ବେହେରା ଓ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଖଜୁରୀପଡ଼ା ଗ୍ରାମର ଅନନ୍ତ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫୁଲବାଣୀ ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଇନ୍ସପେକ୍ଟର ପୂର୍ଣଚନ୍ଦ୍ର ବେହେରା କହିଛନ୍ତି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ସବ୍‌ଇନ୍ସପେକ୍ଟର ଭବାନୀ ଶଙ୍କର ବେହେରା, ଏସ୍‌ଆଇ ସୁଜିତ ମୁଦୁଲି, ଭୃଗୁ ପତି ଦିଗାଲ ସାମିଲ ଥିଲେ।

# କନ୍ଧମାଳ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କ ଟେବୁଲ ଟପ୍ ଏକ୍ସରସାଇଜ

କନ୍ଧମାଳ, ୧୮/୬ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, କନ୍ଧମାଳ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍-୨୦୨୪ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍ ଅଧକ୍ଷତା କରି କହିଲେ, ଯେକୌଣସି ବିପର୍ଯ୍ୟୟରୁ ମଣିଷ ସମ୍ପଦ ହେଉ ବା ପ୍ରାଣୀ ସମ୍ପଦ ହେଉ ସମସ୍ତଙ୍କୁ ରକ୍ଷା କରିବା ଆମର ପ୍ରଥମ ଓ ପ୍ରଧାନ କର୍ତବ୍ୟ ହେବା ଉଚିତ୍। ସେଥିପାଇଁ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ପାଇଁ ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥାଏ। ବିପର୍ଯ୍ୟୟ ଘଟିବା ପୂର୍ବରୁ ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ଘଟିବା ପରେ ପରେ କ'ଣ କରାଯିବ ଓ କେମିତି ପରିଚାଳନା କରାଯିବ ସବୁ ବିଭାଗ ସେଥିପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ସଜାଗ ହେବା ସହିତ ବିପର୍ଯ୍ୟୟ ପରେ ପରେ ଥଇଥାନ ପଦକ୍ଷେପକୁ ସଠିକ ମାର୍ଗରେ ପରିଚାଳନା ଉଦ୍ଦେଶ୍ୟରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଶ୍ରୀ ପାଟିଲ୍ ପରାମର୍ଶ ଦେଇଥିଲେ। ସେହିପରି, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା କହିଲେ, ସବୁ ବିଭାଗର ମିଳିତ ଉଦ୍ୟମରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ନିୟନ୍ତ୍ରଣ କରାଯାଇ ପାରିବ ଏବଂ ସହଜରେ ପରିଚାଳନା ମଧ୍ୟ କରାଯାଇ ପାରିବ। ଓ.ଏସ୍.ଡି.ଏମ୍.ଏ. ରାଜ୍ୟ ପର୍ଯ୍ୟବେକ୍ଷକ ଖାଦିମ୍ ଖାନ୍ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ଜିଲ୍ଲାରେ ବିପର୍ଯ୍ୟୟକୁ ରୋକିବା ପାଇଁ ବା ପ୍ରଭାବକୁ କମାଇବା ପାଇଁ ଏବଂ ବିପର୍ଯ୍ୟୟ ପରେ ପରେ ନେବାକୁ ଥିବା ପଦକ୍ଷେପଗୁଡ଼ିକୁ ସଠିକ ସମୟରେ ଓ ସଠିକ ଭାବରେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଶ୍ରୀ ପ୍ରଭୁ ପ୍ରସାଦ ମହାରଣା ପାଓ୍ୱାର ପଏଂଟ ମାଧ୍ୟମରେ ଏ ସମ୍ପର୍କରେ ଆଲୋଚନା କରିଥିଲେ।

ପାଓ୍ୱାର ପଏଂଟ ମାଧ୍ୟମରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ, ଜିଲ୍ଲା ଆପତକାଳୀନ ଅଧିକାରୀଙ୍କ ସମେତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ବିପର୍ଯ୍ୟୟର ସୁପରିଚାଳନା ପାଇଁ ତାଙ୍କ କାର୍ଯ୍ୟାଳୟରେ ଦିବା ରାତ୍ର କଂଟ୍ରୋଲ୍ ରୁମ୍ ଖୋଲିଛନ୍ତି। ଅଗ୍ନିଶମ ବିଭାଗ, ବନ ବିଭାଗ, କୃଷି ବିଭାଗ, ପଶୁ ସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ଓ ପରିମଳ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜଳସେଚନ ବିଭାଗ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ଯୋଗାଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ମଙ୍ଗଳ ବିଭାଗ ଇତ୍ୟାଦିର ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ ନେବାକୁଥିବା ପଦକ୍ଷେପଗୁଡ଼ିକର କାର୍ଯ୍ୟଖସଡ଼ା ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଆପତକାଳୀନ ଅଧିକାରୀ ଶ୍ରୀ ରଞ୍ଜନ କୁମାର ମାର୍ଥା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷର ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ବିପର୍ଯ୍ୟୟର ସୁପରିଚାଳନା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କର ମିଳିତ ସହଯୋଗ କାମନା କରିଥିଲେ।

# ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ

ସୁବର୍ଣ୍ଣପୁର, ୧୮/୬ (ନି.ପ୍ର): ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତୀ ପଦକ୍ଷେପ ଉପରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ବିଭାଗମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ତଥ୍ୟଗୁଡ଼ିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ ଓ ସଫଳ ମୁକାବିଲା ନିମନ୍ତେ ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇ ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଓ ସେ ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ କରି ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ସମ୍ପୃକ୍ତ ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ସ୍ଥିତି ପରିସ୍ଥିତିକୁ ଦେଖି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲାସ୍ତର, ଉପଖଣ୍ଡ ସ୍ତର ବ୍ଲକସ୍ତର ତଥା ସମ୍ପୃକ୍ତ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ କାର୍ଯ୍ୟକ୍ଷମକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀ ତଥା ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ବିଗତ ବର୍ଷର ଅଭିଜ୍ଞତାକୁ ନେଇ ନିଜ ବିଭାଗ ସମ୍ପୃକ୍ତ ସମ୍ବେଦନଶୀଳ କାର୍ଯ୍ୟକୁ ସମୟ ପୂର୍ବରୁ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷର ଆଶ୍ରୟସ୍ଥଳୀ ସଂଯୋଜକ ଶ୍ରୀ ସୁଦେଶ କୁମାର ସେଠୀ ଯୋଗଦାନ କରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନ୍‌ଡିଆର୍‌ଏଫ୍‌ର ଭୂମିକା ଉପରେ ଆଲୋକପାତ କରି ପ୍ରତ୍ୟେକ ବିଭାଗ ସଂଗଠିତ ହୋଇ ନିଜ ନିଜର ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କଲେ ଆମେ ନିଶ୍ଚିତ ସଫଳ ହେବା ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ସମସ୍ତ ବ୍ଲକସ୍ତର ସହ ମ୍ୟୁନିସିପାଲିଟି ସୋନପୁର, ଏନ୍‌ଏସି ବିନିକା ଓ ତରଭାରେ ମଧ୍ୟ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିବାବେଳେ ଆସନ୍ତା କାଲି ତା ୧୯/୦୬/୨୪ ପୂର୍ବାହ୍ନ ୯ ଘଟିକା ସମୟରେ ଜିଲ୍ଲାରେ ଥିବା ୬ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଠାରେ ମକ ଡ୍ରିଲ ଅନୁଷ୍ଠିତ ହେବ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଉପ ଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରି ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ନିମନ୍ତେ ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଦୃଢ଼ ମାନସିକତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ମାଇକ୍ରୋ ପ୍ଲାନିଂ କରି ବିଭାଗୀୟ କାର୍ଯ୍ୟର ଦାୟିତ୍ୱ ବଂଟନକୁ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଂଟର ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ସୋନପୁର ଓ ବିଜ୍ଞାପିତ ଅଂଚଳ ପରିଷଦ ବିନିକା ଓ ତରଭା,ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ଜରୁରୀ ଶାଖା ଅଧିକାରୀ ଶୁଭଶ୍ରୀ ରଥ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମର ରୂପରେଖ, ବ୍ୟବସ୍ଥିତ କାର୍ଯ୍ୟଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ।

# ବିଶ୍ୱ ବୟସ୍କ ବ୍ୟକ୍ତି ପ୍ରତି ଦୁର୍ବ୍ୟବହାର ସଚେତନତା ଦିବସ ପାଳିତ

କନ୍ଧମାଳ, ୧୮/୬ (ନି.ପ୍ର): ସମାଜରେ ସମୟ କ୍ରମେ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ସମ୍ମାନ କମିକମି ଯାଉଥିବାବେଳେ ବୃଦ୍ଧାଶ୍ରମର ଆବଶ୍ୟକତା ଅଧିକ ଦେଖିବାକୁ ମିଳୁଛି। ଏହାର କାରଣ ବ୍ୟସ୍ତବହୁଳ ଦୁନିଆରେ ସମସ୍ତେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଭୁଲି ଯାଉଛନ୍ତି ଯେ ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ଜଣେ ଜଣେ ପଥପ୍ରଦର୍ଶକ। ତେଣୁ ସେମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାରକୁ ପ୍ରତିହତ କରିବା ପାଇଁ ପ୍ରତିବର୍ଷ ଜୁନ୍ ୧୫ ତାରିଖରେ "ବିଶ୍ୱ ବୟସ୍କ ବ୍ୟକ୍ତି ପ୍ରତି ଦୁର୍ବ୍ୟବହାର ସଚେତନତା ଦିବସ" ସାରା ବିଶ୍ୱରେ ପାଳିତ ହେଉଛି। ଆହୁରିମଧ୍ୟ ଏହି ଦିବସଟି ରଜ ପର୍ବ ସହିତ ଯୋଡ଼ି ହୋଇଥିବାରୁ ନିଶ୍ଚିତ ଭାବେ ଯୁବପିଢିମାନଙ୍କୁ ଅଧିକ ପ୍ରଭାବିତ କରିପାରିଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାର ସାଇନ୍ସ ପାର୍କ ଠାରେ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଚାଲିଥିବା ରଜ ଉତ୍ସବ ସହିତ ଏହି "ବିଶ୍ୱ ବୟସ୍କ ବ୍ୟକ୍ତି ପ୍ରତି ଦୁର୍ବ୍ୟବହାର ସଚେତନତା ଦିବସ-୨୦୨୪" ତା ୧୫.୦୬.୨୦୨୪ ରିଖ ବରିଷ୍ଠ ନାଗରିକ ମଂଚର ସଭାପତି କମଳାକାନ୍ତ ପାଣ୍ଡେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନ୍‌ଜୀବି ଭି.ଭି. ରାମଦାଶ ଉପସ୍ଥିତ ରହି ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ହେଉଥିବା ଅଶାଳୀନ ବ୍ୟବହାର ଯୁବପିଢିମାନଙ୍କ ନିମନ୍ତେ ଅଭିଶାପ ବୋଲି କହି ଏଥିପାଇଁ ଥିବା ଦଣ୍ଡବିଧାନ ବିଷୟରେ ଆଲୋକପାତ କରିଥିଲେ। ତତ୍ ସହିତ ଅନ୍ୟତମ ଆଇନ୍‌ଜୀବି ବିଜୟକୃଷ୍ଣ ପଟ୍ଟନାୟକ ଯୋଗଦେଇ ଦୁର୍ବ୍ୟବହାର ଶବ୍ଦଟି କାହାକୁ କଥାକହିବା ସମୟରେ ଗ୍ରହଣୀୟ ନୁହେଁ ବୋଲି କହିବା ସହ ବରିଷ୍ଠ ନାଗରିକମାନେ ହେଉଛନ୍ତି ଆଗାମୀ ପିଢ଼ୀ ପାଇଁ ପଥ ପ୍ରଦର୍ଶକ ଏବଂ ସେମାନେ ପ୍ରକୃତ ସମ୍ମାନର ଅଧିକାରୀବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଆହୁରି ମଧ୍ୟ ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଛୋଟ ପିଲା ଠାରୁ ଶିଖିବାର ଅଭ୍ୟାସ ଆରମ୍ଭ ହେବା ଉଚିତ୍ ଏବଂ ସବୁବର୍ଗର ବ୍ୟକ୍ତି ବିଶେଷମାନେ ମଧ୍ୟ ନିଜ ନିଜର ବ୍ୟବହାରିକ ଆଚରଣକୁ ଆତ୍ମଚର୍ଚ୍ଚା କରି ସୁଧାରିବାର ଆବଶ୍ୟକତା ରହିଛି। ବରିଷ୍ଠ ନାଗରିକ ମଂଚର ଉପ ସଭାପତି ପଦ୍ମଚରଣ ସ୍ୱାଇଁ ସମାଜରେ ଘଟୁଥିବା କିଛି ନିଛକ ଉଦାହରଣ ଦେଇ ଏହିଭଳି ଅମାନୁଷିକ କାର୍ଯ୍ୟକଳାପରୁ ନିବୃତ ରହିବାକୁ ଅନୁରୋଧ କରିଥିଲେ। ଆଲୋଚନାରେ ଶତାଧିକ ବୟସ୍କ ବ୍ୟକ୍ତି, ଯୁବକ ଓ ଯୁବତୀମାନେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ତିନି ଦିନ ଧରି ଚାଲିଥିବା ରଜ ଉତ୍ସବରେ ଆୟୋଜିତ ହୋଇଥିବା ବିଭିନ୍ନ ଯଥା-ପିଠା, ଚିତ୍ର ପ୍ରଦର୍ଶନୀ, ପୁଚି ଖେଳ, ରଙ୍ଗୋଲି, ହୁଳହୁଳି ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ପରିଚାଳନା କରିଥିବାବେଳେ ବରିଷ୍ଠ ନାଗରିକ ମଂଚର ସାଧାରଣ ସଂପାଦକ ପ୍ରଣବ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସାଇନ୍ସ ପାର୍କ ଓ ସ୍ୱାତୀ ଅନୁଷ୍ଠାନର ସମସ୍ତ କର୍ମକର୍ତା ଭାଗନେଇ ସଫଳ କରାଇଥିଲେ।

# ଗଣକବି ଗୋପାଳ ଦାଶଙ୍କ ୧୪୮ତମ ଜୟନ୍ତୀ ମହୋତ୍ସବ

କେନ୍ଦ୍ରାପଡ଼ା, ୧୮/୬ (ନି.ପ୍ର): ପବିତ୍ର ରଜ ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପଲସିଂହା ଠାରେ ଓଡିଆ ଯାତ୍ରା ଜଗତର ମୁକୁଟ ବିହୀନ ସମ୍ରାଟ୍, କାଳଜୟୀ କିମ୍ବଦନ୍ତୀ କଳାକାର, ତତ୍କାଳୀନ ବଙ୍ଗ- ବିହାର- ଓଡିଶା ପ୍ରସିଦ୍ଧ ଗଣକବି ଗୋପାଳ ଦାଶଙ୍କ ୧୪୮ତମ ପୂଣ୍ୟ ଜୟନ୍ତୀ ମହୋତ୍ସବ ଗଣକବି ସ୍ମୃତି ସଂସଦ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବର୍ଷିୟାନ ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଘାଟନ କରିବା ସହିତ କବିଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜିବୀତ ରଖିବା ପାଇଁ ଉଭୟ ଓଡିଆ ଗୀତାଭିନୟ ଏବଂ ନାଟ୍ୟ ଓ କାବ୍ୟ ସାହିତ୍ୟ କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନକୁ ରାଜ୍ୟ ସ୍ତରରେ ଉପସ୍ଥାପିତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ମୁଖ୍ୟବକ୍ତା ଭାବରେ ମାନସ ଭୂଷଣ ପଣ୍ଡିତ, ହୃଷିକେଶ ରଥ ଯୋଗଦାନ ପୂର୍ବକ ଗୋପାଳ ଦାଶଙ୍କ ଗୀତାଭିନୟ ରଚନା ଏବଂ ନିର୍ଦ୍ଦେଶନା କ୍ଷେତ୍ରରେ ଥିବା ବଳିଷ୍ଠ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ । ସମାଜସେବୀ ଅଜିତ୍ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଣ୍ଡିତ ପଦ୍ମନାଭ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଂଯୋଜନା କରିଥିଲେ । ସମ୍ମାନୀତ ଅତିଥି ଭାବରେ ସତିର୍ଥର ସଭାପତି ଅମର ପ୍ରସାଦ ରାଉତ, ସମ୍ପାଦକ ମନ୍ମଥନାଥ ବରାଳ, ଆଇନ ଜୀବି ପ୍ରଦୀପ କୁମାର ଦାଶ ସ୍ଥାନୀୟ ସରପଂଚ ଦେବେନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ରହି ଗଣ କବିଙ୍କ କଳାକୃତି ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ସଂଗୀତଜ୍ଞ ତଥା ବାରୁଅ ସ୍ଥିତ ଭାବଗ୍ରାହୀ କଳାନିକେତନ ଏବଂ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା ଗଣକବିଙ୍କୁ ଏକାଧାରରେ ଜଣେ ଅପ୍ରତିଦ୍ୱନ୍ଦି ଅଭିନେତା, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କବି, ଗାୟକ, ନାୟକ, ସଂଗୀତ ନିର୍ଦ୍ଦେକ, ବାଦ୍ୟକାର, ସମାଜସେବୀ,ଦଳପତି, ସଂଚାଳକ, ସ୍ଥାନୀୟ ମୁରବୀ ଏବଂ ଜଣେ ଅନନ୍ୟ ଅସାଧାରଣ ସତ୍ୟନିଷ୍ଠ, ନିଷ୍ଠଭାସୀ, ସୁଗୁଣ ସମ୍ପନ୍ନ ସଫଳ ମଣିଷ ଭାବରେ ବର୍ଣ୍ଣନା କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ ପାଳିତ: ଭଦ୍ରକ ଜିଲ୍ଲାର ଉପକୃତ ହେବେ ୧,୩୯,୫୪୩ ଚାଷୀ

ଭଦ୍ରକ, ୧୮/୬ (ନି.ପ୍ର): ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଆୟୋଜିତ ପି.ଏମ୍. କିଷାନ୍ ନିଧି ଯୋଜନାର ୧୭ତମ କିସ୍ତିର ହସ୍ତାନ୍ତର ଉତ୍ସବ ପାଳନ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ଉପାଧ୍ୟାୟ, କେ.ବି.କେ ରାଣୀତାଲର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଉମାଶଙ୍କର ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନଙ୍କ ଉଦ୍ଦେଶ୍ୟରେ ପିଏମ୍ କିଷାନ ଯୋଜନାର ଆଭିମୁଖ୍ୟ, କୃଷି ଓ କୃଷକ ମାନଙ୍କ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ଯୋଜନା, ପାରା ସମ୍ପ୍ରସାରଣ କର୍ମୀ ରୂପେ କୃଷି ସଖୀ ମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରକାଶ କରିଥିଲେ । ଭଦ୍ରକ ଜିଲ୍ଲାରେ କୃଷିର ଉନ୍ନତି ତଥା କୃଷକ ର ଆୟ ଦୁଇଗୁଣା କରିବା ପାଇଁ ଜିଲ୍ଲାରେ ଖରିଫ୍ ଚାଷ ଭଳି ରବି ଚାଷ ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟକି ଏହି ଯୋଜନାରେ ଚାଷୀଙ୍କ ଆକାଉଣ୍ଟକୁ ୨ହଜାର ଟଙ୍କା ଲେଖାଏଁ ହସ୍ତାନ୍ତର କରାଯାଇଛି । ୧୭ ତମ କିସ୍ତିରେ ଦେଶର ୯ କୋଟି ୨୬ ଲକ୍ଷ ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କା ହସ୍ତାନ୍ତର କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମକୁ ଉତ୍ତରପ୍ରଦେଶର ବାରାଣାସୀରେ ଏକ କାର୍ଯ୍ୟକ୍ରମରେ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଦୃଶ୍ୟ ଫଳକ ଜରିଆରେ ସିଧାସଳଖ ସେଠାରେ ସମସ୍ତେ ଦେଖିଥିଲେ । ଏହି କିସ୍ତିରେ ଭଦ୍ରକ ଜିଲ୍ଲାରେ ସମୁଦାୟ ୧ ଲକ୍ଷ ୩୯ ହଜାର ୫୪୩ ଜଣ ଚାଷୀଙ୍କ ଖାତାକୁ ଉକ୍ତ ଅର୍ଥ ହସ୍ତାନ୍ତର କରାଯାଇଛି । ଭଦ୍ରକ ବ୍ଲକ୍‌ରେ ୨୨,୦୨୭ ବାସୁଦେବପୁର ର ୨୪,୬୨୬ ଭଣ୍ଡାରିପୋଖରୀର ୧୪,୩୧୫, ବନ୍ତର ୧୩,୭୯୨, ଚାନ୍ଦବାଲିର ୧୮,୯୭୫, ଧାମନଗର ୨୨,୯୯୧, ତିହିଡ଼ିର ୨୨,୮୧୭ ଜଣ ଚାଷୀ ଉପକୃତ ହୋଇଛନ୍ତି ।



# ଜିଲ୍ଲାସ୍ତରୀୟ ଯୋଗ ଦିବସ ପାଳନ ପ୍ରସ୍ତୁତି ବୈଠକ



ଭଦ୍ରକ, ୧୮/୬ (ନି.ପ୍ର): ଜୁନ୍ ୨୧ ତାରିଖରେ ପାଳନ କରାଯାଉଥିବା ଆନ୍ତର୍ଜାତିକ ଯୋଗ ଦିବସକୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରରେ ପାଳନ କରାଯିବା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମ୍ବିତ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଏହି ଦିବସ ପାଳନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଆବଶ୍ୟକ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ନେହେରୁ ଷ୍ଟାଡ଼ିୟମ ପଡ଼ିଆରେ ଏହି ଦିବସ ପାଳନ ଅବସରରେ ଯୋଗାଭ୍ୟାସ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କଲେଜ, ସ୍କୁଲ ର ପିଲାମାନଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ସରକାରୀ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଆଦି ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । କାର୍ଯ୍ୟସୂଚୀ ଅନୁଯାୟୀ ଉକ୍ତ ଦିବସରେ ଅଂଶ ଗ୍ରହଣକାରୀ ମାନଙ୍କ ସକାଳ ୭.୦୦ ଘଟିକା ପୂର୍ବରୁ ନାମ ପଞ୍ଜିକରଣ କରାଯିବ । ପରେ ପରେ ଅତିଥିମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇ ଯୋଗାଭ୍ୟାସ ପ୍ରଦର୍ଶନ ଅଧିବେଶନ ଆରମ୍ଭ କରାଯିବ । ଯୋଗଗୁରୁ ମାନଙ୍କ ଦ୍ୱାରା ଯୋଗ କ୍ରୀୟା ପ୍ରଦର୍ଶନ ଅନୁଯାୟୀ ଅଂଶ ଗ୍ରହଣକାରୀମାନେ ଯୋଗାଭ୍ୟାସ କରିବେ । ଯୋଗକ୍ରୀୟା ପରେ ଧ୍ୟାନ କାର୍ଯ୍ୟସୂଚୀରେ କ୍ରୀୟା ପ୍ରାଣାୟମ, ଧ୍ୟାନ, ସଙ୍କଳ୍ପ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶାନ୍ତି ମନ୍ତ୍ର ପାଠ ପୂର୍ବକ ଶପଥ ଗ୍ରହଣ ମଧ୍ୟ କରାଯିବ । ଜିଲ୍ଲା କ୍ରୀଡ଼ାଧିକାରୀ ତନ୍ମିତା କର, ପ୍ରାକ୍ତନ କ୍ରୀଡ଼ାଧିକାରୀ ପଦ୍ମନ ରାୟ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ଷୁର ବାରିକ, ଭଦ୍ରକ ବି.ଡ଼ି.ଓ. ସୀତାକାନ୍ତ ରାଉତ, ଭଦ୍ରକ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

# କ୍ଷେତ ପ୍ରସ୍ତୁତ : ମୃତ୍ତିକା ପରୀକ୍ଷା ହେଉନି କି ସରକାରୀ ଧାନ ବିହନ ମିଳୁନି

ଧର୍ମଶାଳା, ୧୮/୬ (ନି.ପ୍ର): ସରକାର କୃଷି ବିଭାଗକୁ ଅଗ୍ରାଧିକାର ଦେଉଥିବା ବେଳେ ବ୍ଲକ କୃଷି ବିଭାଗ ସରକାରଙ୍କ ସମସ୍ତ ନିୟମକୁ ଠିକ୍‌ଭାବେ ପାଳନ କରୁନଥିବା ଅଭିଯୋଗ ହୋଇଛି । ରସୁଲପୁର ବ୍ଲକର ବିଭିନ୍ନ ପଂଚାୟତର ସମସ୍ତ ଗ୍ରାମରେ ମୃତିକା ପରୀକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଥିବାବେଳେ କେବଳ ତାହା କାଗଜ କଲମରେ ଚାଲିଥିବା କୃଷକ ମହଲରେ ଅଭିଯୋଗ ହୋଇଛି । ସରକାରୀ ଧାନ ବିହନ ଠିକ୍ ସମୟରେ ଚାଷୀଙ୍କୁ ଯୋଗାଇ ଦିଆଯାଉନାହିଁ । ସମବାୟ ସମିତିଗୁଡିକୁ ଚାଷୀମାନେ ଦୌଡିଦୌଡି ନୟାନ୍ତ ହେଲେଣି । ଧାନ ବିହନ ବଦଳରେ ଏଠାରେ କେବଳ ପ୍ରତିଶୃତି ମିଳୁଛି । ବିହନକୁ ଅନାଇ ଚାଷୀ ବିଲରେ ହଳ କାମ ସାରି ମୁଣ୍ଡରେ ହାତ ଦେଇ ବସିଛି । ରସୁଲପୁର ବ୍ଲକର ଚାଷୀମାନେ ଚିନାବାଦାମ ଚାଷ ପରେ ବିଭିନ୍ନ କିସମର ଧାନ ଚାଷ କରିଥା'ନ୍ତି । ପାଗ ଅନୁକୂଳ ଥିବାରୁ ଚାଷୀ ଚାଷ କାମ ସାରି ସରକାରୀ ଧାନ ବିହନକୁ ଅନାଇ ବସିଛି । ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦେବାତ ଦୂରର କଥା ବିହନ ଆସିବା ନେଇ କିଛି ସୂଚନା ମଧ୍ୟ ନାହିଁ । ଚାଷ କାମ ପଛୁଆ ହୋଇଯିବ ବୋଲି ଆଗକୁ ବର୍ଷା ଋତୁକୁ ଲକ୍ଷ୍ୟ କରି ବିହନ କଳାବଜାରରୁ ଚଢା ଦରରେ କିଣିବା ପାଇଁ ପ୍ରସ୍ତୁତ ହେଉଛି । ଅକ୍ଷୟ ତୃତୀୟା ପରଠାରୁ ଚାଷୀ ବିଲରେ ଚାଷ ସାରି ଅନାଇ ଅନାଇ ରଜ ସରିଲାଣି । କଳାବଜାରରେ ଉଚ୍ଚ ଦରରେ ଓ ନିମ୍ନମାନର ବିହନ ବିକ୍ରୀ କରାଯାଉଛି । ଅଧିକ ଟଙ୍କା ଦେଇ ଧାନ ବିହନ କିଣିବା ସମସ୍ତ ଚାଷୀଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଫଳରେ ଚାଷ କାମ ଅଧପନ୍ତରିଆ ହୋଇପଡି ରହିଥିବା ଦେଖିବବାକୁ ମିଳିଛି । ବିହନ ରିହାତି ଦରରେ ଯୋଗାଇ ଦେବାକୁ ଚାଷୀମାନେ ସେମାନଙ୍କ ଲୋକପ୍ରତିନିଧିଙ୍କ ନିକଟରେ ଦାବି କରିଛନ୍ତି । ତୁରନ୍ତ ସରକାରୀ ଧାନ ବିହନ ନ ମିଳିଲେ ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡିହ, ମଙ୍ଗରାଜପୁର, ଅର୍ଥଙ୍ଗା ଓ ସାମନ୍ତରାପୁର ପଂଚାୟତର ବହୁ ଚାଷୀ ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ଦକ୍ଷିଣପୂର୍ବ ରେଳପଥ ଇ-ଟେଣ୍ଡର

ନୋଟିସ୍ ନମ୍ବର: **ST-OT-CableShift-LHS_KGP, dtd-17.06.2024** ଇ-ଟେଣ୍ଡରକୁ Sr. DSTE (Co), ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର- ୭୨୧୩୦୧ ଏବଂ ୧୧.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତ ରାଷ୍ଟ୍ରପତିଙ୍କ ତରଫରୁ ଆମନ୍ତ୍ରଣ କରାଯାଇଛି । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୧.୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ଭଞ୍ଜପୁର- ବାଙ୍ଗ୍ରିପୋସିରେ ମାନବ ଖଡ ROS-37, RB-40, RB-44, RB-47, RB-48, RB-59, RB-64 ବଦଳରେ LHS ନିର୍ମାଣ ପାଇଁ କାର୍ଯ୍ୟର S&T ଅଂଶ । ବିଭାଗ ଟେଣ୍ଡର ମୂଲ୍ୟ: ୨୭,୧୦,୯୨୬.୨୨ EMD: ୫୪,୨୦୦ / -। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ସମାପ୍ତି ସମୟ:** ୧୨ ମାସ । **ଦାଖଲ ତାରିଖ:** ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୨.୦୭.୨୦୨୪ ର **ଖୋଲିବାର ତାରିଖ:** ୧୨.୦୭.୨୦୨୪ । ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www. ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **(PR-270)**

# ଜିଲ୍ଲାସ୍ତରୀୟ ଟେବୁଟ ଟପ୍ ଏକ୍ସରସାଇଜ ବୈଠକ

କେନ୍ଦ୍ରାପଡ଼ା, ୧୮/୬ (ନି.ପ୍ର): କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଟେବୁଟ ଟପ୍ ଏକ୍ସରସାଇଜ ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓସଡମା ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟ ରେ ଆୟୋଜିତ ଏହି ବୈଠକରେ ୧୯୯୯ ମହାବାତ୍ୟା ପରେ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିପର୍ଯ୍ୟୟ ପରିଚାଳନା ଓ ପ୍ରସମନ ଉପରେ ଗୁରୁତ୍ୱାରୋପ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଣୟନ କରିଛନ୍ତି । ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରି ପାରିଲେ ବାତ୍ୟା, ବନ୍ୟା ତଥା ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା କରିବା ସହ ଧନ ଜୀବନ ହାନୀକୁ ରୋକାଯାଇ ପାରିବ । ଭୌଗୋଳିକ ଦୃଷ୍ଟିକୋଣ ରୁ କେନ୍ଦ୍ରାପଡା ଜିଲ୍ଲା ପ୍ରତ୍ୟେକ ବର୍ଷ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ । ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ମହାକାଳପଡା, ରାଜନଗର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥାଏ । ପ୍ରତିବର୍ଷ ପରି ଏ ବର୍ଷ ଜିଲ୍ଲା ସ୍ତରୀୟ ଟେବୁଟ ଟପ୍ ଏକ୍ସରସାଇଜ ବୈଠକ କରାଯାଇଛି । ଆସନ୍ତାକାଲି ଜିଲ୍ଲାରେ ଥିବା ବହୁମୁଖୀ ବାତ୍ୟା ଅଶ୍ରୟ ସ୍ଥଳୀରେ ମକଡ୍ରିଲ୍ ଆୟୋଜିତ ହେବ । ବିପର୍ଯ୍ୟୟ ପରିଚାଳନା ଯୋଜନା ବିଷୟରେ ଅବଜେଟ ରହିବା, ପ୍ରତ୍ୟେକ ବିଭାଗର ସମନ୍ୱୟ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିହେବ ବୋଲି ଉପସ୍ଥିତ ଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ଅଂଚଳର ପିଡୀତ ଜନ ସାଧାରଣଙ୍କୁ ବିପର୍ଯ୍ୟୟ ପୂର୍ବ ଓ ପରବର୍ତୀ ସେବା ଯୋଗାଇ ଦେଲେ ଜନ ସାଧାରଣ ପ୍ରଶାସନ ଉପଲବ୍ଧି କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ପ୍ରକାଶ କରିଥିଲେ । ଜରୁରୀ କାଳୀନ ସମୟରେ କାର୍ଯ୍ୟଳୟ ୨୪ ଘଣ୍ଟା ଖୋଲିବାକୁ ବିଭାଗୀୟ ଅଧିକାରୀ ମାନେ ଆଗୁଆ ପଦକ୍ଷେପ ନେବେ ବୋଲି ବୈଠକକୁ ଅବଗତ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ଆଶା, ଅଙ୍ଗନବାଡି କର୍ମୀ, ଜନ ପ୍ରତିନିଧି, ବ୍ଲକ ପ୍ରଶାସନ ଏବଂ ପ୍ରତ୍ୟେକ ଲାଇନ ଡିପାଟମେଣ୍ଟ ମଧ୍ୟରେ ସମନ୍ୱୟ ରହିଲେ ଏହାର ସଫଳ ମୁକାବିଲା କରିହେବ । ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏନସିଟିଇ ପକ୍ଷରୁ ପି.ଏମ.ଶ୍ରୀ ସ୍କୁଲ ଶିକ୍ଷକମାନଙ୍କ ପାଇଁ ଏନଏମଏମ ଏବଂ ଏନପିଏସଟି ଉପରେ ଓରିଏଣ୍ଟେସନ ଅଧିବେଶନ ଆୟୋଜିତ

ନୂଆଦିଲ୍ଲୀ, ୧୮/୬ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସଇଏଲ)ର ନିର୍ଦ୍ଦେଶକ୍ରମେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ପକ୍ଷରୁ ଦେଶର ୨୯ଟି ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ/କେଭିଏସ୍/ଏନଭିଏସ୍ର ଶିକ୍ଷକମାନଙ୍କ ପାଇଁ ଜାତୀୟ ପରାମର୍ଶ ମିଶନ (ଏନଏମଏମ) ଏବଂ ଶିକ୍ଷକମାନଙ୍କ ପାଇଁ ଜାତୀୟ ବୃତ୍ତିଗତ ମାନକ (ଏନ୍ ପି ଏସ୍ ଟି) ଉପରେ ଏକ ପାଂଚ ଦିନିଆ ଭର୍ଚୁଆଲ୍ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦କୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ସହିତ ପି.ଏମ. ଶ୍ରୀ ସ୍କୁଲ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ୧୦-୧୪ ଜୁନ ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଅଧିବେଶନରେ ଲକ୍ଷ୍ୟ ରଖାଯାଇଥିଲା । ପାଂଚ ଦିନ ଧରି ଦୁଇ ଘଣ୍ଟିଆ ଅଧିବେଶନ ଆୟୋଜନ କରାଯାଇ ଏନଏମଏମ ଏବଂ ଏନପିଏସଟି ବିଷୟରେ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରତିଦିନ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ଏଥିରେ ସାମିଲ କରାଯାଇଥିଲା । ଶିକ୍ଷକମାନଙ୍କ ବୃତ୍ତିଗତ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ସେମାନଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମଜବୁତ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ସେମାନଙ୍କୁ ସଶକ୍ତ କରିବା ପାଇଁ ଏହି ପଦକ୍ଷେପଗୁଡିକ ପ୍ରସ୍ତୁତ କରାଯାଇଛି । ଅଧିବେଶନଗୁଡ଼ିକୁ ଅଧିକ ସମାବେଶୀ କରିବାରେ ସାଙ୍କେତିକ ଭାଷା ଅନୁବାଦକମାନେ ମଧ୍ୟ ନିୟୋଜିତ ହୋଇଥିଲେ । ପି.ଏମ. ଶ୍ରୀ ସ୍କୁଲ ଶିକ୍ଷକମାନେ ଏହି ଅଧିବେଶନରେ ଅଂଶଗ୍ରହଣ କରି ଏନପିଏସଟି ଏବଂ ଏନଏମଏମ ଏବଂ ସେମାନଙ୍କର କାର୍ଯ୍ୟକାରୀ ରଣନୀତି ବିଷୟରେ ଗଭୀର ବୁଝାମଣା ହାସଲ କରିବେ ବୋଲି ଆଶା କରାଯାଉଛି । ଏନସିଟିଇର ଅଧ୍ୟକ୍ଷ ପ୍ରଫେସର ପଙ୍କଜ ଅରୋରା ଏବଂ ଏନସିଟିଇର ସଦସ୍ୟ ସଚିବ ଶ୍ରୀମତୀ କେସାଙ୍ଗ ୱାଇ ଶେରପା ପି.ଏମ । ଶ୍ରୀ ସ୍କୁଲ ଶିକ୍ଷକମାନଙ୍କ ପାଇଁ ଉଭୟ ଏନପିଏସଟି ଏବଂ ଏନଏମଏମ ଅଧିବେଶନର ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ନ୍ୟାସନାଲ ମିଶନ ଫର ମେଣ୍ଟରିଂ (ଏନଏମଏମ) ଉପରେ ଏକ ଅଧିବେଶନରେ ଏନଏମଏମ ଉପରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମ ସରକାର...

କହିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ଆରଡିସି, ଜିଲ୍ଲାପାଳ ଆଦିତ୍ୟ ଗୋଏଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ କିଛି ସଫଳ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଆଜି ବରଗଡ଼ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଗାନ୍ଧୀ ଛକରୁ ବାନ୍ଧୁଟିକ୍ରା ଛକ ଯାଏଁ ରୋଡ୍ ସୋ' କରି ସଭାସ୍ଥଳକୁ ପହଞ୍ଚିଥିଲେ । ଗାନ୍ଧୀ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରେ ସର୍କିଟ୍ ହାଉସ୍ ଯାଇ ସହରର ବିଭିନ୍ନ ସଂଗଠନର ନେତୃବୃନ୍ଦ, ବୁଦ୍ଧିଜୀବୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ ।

### ରାଜଧାନୀ ମୁକୁଳା ...

ପହଞ୍ଚି ଥିଲେ । ପିଲାକୁ ଉଦ୍ଧାର କରିବା ପାଇଁ ଯାଇଥିଲେ । ପ୍ରାୟ ଘଣ୍ଟାଏ ପରେ ଡ୍ରେନ୍‌ର ଓଷ୍କାର ସିଟି ପାଖରୁ ଚେତାଶୂନ୍ୟ ଅବସ୍ଥାରେ ରାଜେଶଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । କ୍ୟାପିଟାଲ୍ ମେଡ଼ିକାଲ୍ କର୍ତ୍ତୃପକ୍ଷ ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହା ପରେ ମେଡ଼ିକାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । କାନ୍ଦ ବୋବାଳିରେ ପାଟିପଡୁଛି ମେଡ଼ିକାଲ୍ ପରିବେଶ । ଖବର ପାଇ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପହଞ୍ଚିଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ ଓ କାଉନ୍‌ସିଲର । ଡ୍ରେନ୍‌ରେ ଭାସି ନାବାଳକର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୋକ ପ୍ରକାଶ କରିଛନ୍ତି । ଏଥିସହ ମୃତ ରାଜେଶଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ମୃତ ପରିବାର ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।

### ବ୍ୟାପୁଛି ଡିପଥେରିଆ...

କରାଯାଇଛି । ରାୟଗଡ଼ାରେ ସ୍ଥିତି ଏବେ ସ୍ଥିର ରହିଛି । ଆଗ୍ରା, ହାଇଦ୍ରାବାଦରୁ ଆଣ୍ଟି ଡିପଥେରିଆଲ ସିରମ୍ ଅଣାଯାଇ ଆକ୍ରାନ୍ତଙ୍କୁ ଦିଆଯାଉଛି । ସଂକ୍ରମଣର ମୁକାବିଲା ପାଇଁ ୩ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଓ ଡବ୍ଲ୍ୟୁଏଚଓ ଟିମ ମିଳିତ ଭାବେ ଗାଁ ଗାଁ ବୁଲି ସ୍ଥିତିର ଅନୁଧ୍ୟାନ କରୁଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି ଆଣ୍ଟିବାୟୋଟିକ ଦ୍ୱାରା ଏହି ସଂକ୍ରମଣକୁ ମୂଳପୋଛ କରାଯାଇପାରିବ । ତେବେ ଯେହେତୁ ଏହା ବାୟୁ ଦ୍ୱାରା ସଂକ୍ରମିତ ହେଉଛି, ସଂକ୍ରମଣ ରୋକିବାକୁ ପ୍ରଭାବିତ ଅଞ୍ଚଳର ଲୋକମାନେ ମାସ୍କ ପିନ୍ଧିବା ସହ ହାତ ଧୋଇବା ଭଳି ନିୟମ ପାଳନ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

### କନିଷ୍ଠ ଶିକ୍ଷକ ଚୟନ...

ଆବେଦନକାରୀମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଏହି ପ୍ରକ୍ରିୟାକୁ ତୁରନ୍ତ ବାତିଲ କରିବାକୁ ସେମାନେ ହାଇକୋର୍ଟରେ ଗୁହାରି କରିଥିଲେ । ଗତ ମାର୍ଚ୍ଚ ୧୨ ତାରିଖରେ ହୋଇଥିବା ଶୁଣାଣିରେ ଓସେପାର ମେରିଟ୍ ଲିଷ୍ଟ ସହ ଜିଲ୍ଲାୱାରୀ ମେରିଟ୍ ଲିଷ୍ଟ ବି ଖାରଜ କରି ଦେଇଥିଲେ ହାଇକୋର୍ଟ । ଏଥିସହ ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ସାନି ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ । ଆଜି ଏହି ରାୟକୁ ସଂଶୋଧନ କରି ଓସେପା ମେରିଟ ଲିଷ୍ଟକୁ କାଏମ ରଖିଛନ୍ତି ଡିଭିଜନ ବେଞ୍ଚ । ଏହାକୁ ନେଇ ବହୁ ଆଶାୟୀ ଖୁବ୍ ଉତ୍ସାହିତ ଅଛନ୍ତି । ବହୁ ସଂଘର୍ଷ ପରେ ଗୁଣାତ୍ମକ ଶିକ୍ଷାର ବିଜୟ ହୋଇଥିବା କହିଛନ୍ତି । ଏଥିସହ ସେମାନେ ଖୁବ୍ ଶୀଘ୍ର ନିଯୁକ୍ତି ପାଇବେ ବୋଲି ଆଶା ରଖିଛନ୍ତି ।

### ଶପଥନେଲେ ୧୦୧ ବିଧାୟକ...

ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶପଥ ଗ୍ରହଣ କରିବାକୁ ବିଧାନସଭା ଗୃହକୁ ଯାଇଥିଲେ । ଆଜି ଶପଥ ନେଇଥିବା ବିଧାୟକମାନେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଠାରୁ ପାଇଥିବା ସାର୍ଟିଫିକେଟ୍‌ର ନକଲ ଦେବା ପରେ ଶପଥ ଗ୍ରହଣ କରିଥିଲେ । ସମସ୍ତେ ଶପଥ ନେବା ପରେ ବିଧାନସଭା ରେଜିଷ୍ଟରରେ ଦସ୍ତଖତ କରିଥିଲେ । ଏହାପରେ ବିଧାନସଭା ପକ୍ଷରୁ ଏକ କିଟ୍ ବ୍ୟାଗ୍ ଦିଆଯାଇଥିଲା । ଆସନ୍ତା ୨୦ତାରିଖରେ ବାଚସ୍ପତି ନିର୍ବାଚନ ଥିବାରୁ ସମସ୍ତ ବିଧାୟକଙ୍କୁ ବିଧାନସଭାକୁ ଆସିବାକୁ କୁହାଯାଇଛି ।

### ନିଟ୍ ଅନିୟମିତତା ମାମଲା ...

ପ୍ରାର୍ଥୀଙ୍କୁ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦୁଇଟି ସ୍ଥାନରେ କିଛି ଅନିୟମିତତା ପଦାକୁ ଆସିଛି । ମୁଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆଶ୍ୱାସନା ଦେଉଛି ଯେ ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି ।' ୨୦୨୪ର ପ୍ରବେଶିକା ପରୀକ୍ଷାକୁ ବାତିଲ କରିବା ଏବଂ ଏହି ଅନିୟମିତତାର ସିବିଆଇ କିମ୍ବା ସ୍ୱାଧୀନ ଏଜେନ୍ସି ଦ୍ୱାରା ଅଦାଲତଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ୨୦ ଜଣ ଡାକ୍ତରୀ ଆଶାୟୀ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ । ଆବେଦନରେ ଦାବି କରାଯାଇଛି ଯେ ନିଟ୍ ୨୦୨୪ ପରୀକ୍ଷାରେ ୬୭ ଜଣ ଛାତ୍ରଛାତ୍ରୀ ୭୨୦ରୁ ୭୨୦ ମାର୍କ ରଖିଛନ୍ତି । ୬୨୦-୭୨୦ ମାର୍କ ରଖିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟାରେ ୪୦୦ ପ୍ରତିଶତ ବୃଦ୍ଧି ଘଟିଛି । ଏହା ବହୁତ ବଡ଼ ଦୁର୍ନୀତି ଓ ଅନିୟମିତତାକୁ ଇଙ୍ଗିତ କରୁଛି । ନିରପେକ୍ଷ ପରୀକ୍ଷା ପରିଚାଳନାରେ ବ୍ୟବସ୍ଥାଗତ ବିଫଳତା ଯୋଗୁଁ ବହୁ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ କରାଯାଉଛି ବୋଲି ଆବେଦନରେ ଦର୍ଶାଯାଇଛି ।

### ପାଣିରେ ପଡ଼ିଲା ୧୨...

କିନ୍ତୁ ଉଦଘାଟନ ପୂର୍ବରୁ ଆଜି ବ୍ରିଜଟି ଭୁଶୁଡ଼ି ପଡ଼ିଛି । ସିକଟି ବିଧାୟକ ବିଜୟ କୁମାର କହିଛନ୍ତି, "ନିର୍ମାଣକାରୀ ସଂସ୍ଥାର ଅବହେଳା ଯୋଗୁ ବ୍ରିଜ ଭୁଶୁଡ଼ି ପଡ଼ିଛି । ପ୍ରଶାସନ ଏହାର ତଦନ୍ତ କରୁ ବୋଲି ଆମେ ଦାବି କରୁଛୁ ।"ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭୁଶୁଡ଼ି ପଡ଼ିଥିବା ବ୍ରିଜ୍ ?ର ଧ୍ୱଂସାବଶେଷଗୁଡ଼ିକ ପାଣିରେ ଭାସି ଯାଇଛି । ଏହାଦେଖି ଲୋକମାନେ ସୁରକ୍ଷିତ ସ୍ଥାନକୁ ଦୌଡ଼ିବାରେ ଲାଗିଛନ୍ତି । ଆଉ ଏକ ଭିଡିଓରେ କିଛି ଲୋକ ଭୁଶୁଡ଼ି ପଡ଼ିଥିବା ବ୍ରିଜ୍ ନିକଟରେ ଛିଡ଼ା ହୋଇଥିବା ବେଳେ ଆଉ କିଛି ଏହାର ତଳେ ଛିଡ଼ା ହୋଇଛନ୍ତି ।

### ବାନ୍ଦିପୋରାରେ ଆତଙ୍କବାଦୀ...

ଦ୍ୱାରା ମିଳିତ ଭାବେ ଅପରେସନ ଆରମ୍ଭ ହୋଇଥିଲା । ଜୁନ୍ ୧୬ ଓ ୧୭ ତାରିଖ ରାତ୍ରରେ ଆମକୁ ଏହି ବିଶେଷ ସୂଚନା ମିଳିଥିଲା । ଯାହାକୁ ଭିତି କରି ଏହି ଅପରେସନ ଆରମ୍ଭ ହୋଇଥିଲା । ଏହି ଅଭିଯାନ ସମୟରେ ଆମର ଏକ ଗ୍ରୁପ୍ କିଛି ସନ୍ଦିଗ୍ଧ ଗତିବିଧି ଦେଖିବାକୁ ପାଇଥିଲା । ଏହାପରେ ସୁରକ୍ଷା ବଳର ଏକ ଗ୍ରୁପ୍ ଆତଙ୍କବାଦୀଙ୍କ ଉପରକୁ ଗୁଳିଚାଳନା କରିଥିଲେ । ଫଳରେ ବାରାମୁଲା ଜିଲ୍ଲାର ହୁସନଖୋଇ ପଟ୍ଟନ ନିବସୀ ଉମର ଲୋନ ନାମକ ଆତଙ୍କବାଦୀ ପ୍ରାଣ ହରାଇଛି ।

# ୧୮ତମ ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ '୭୫ କ୍ରିଏଟିଭ୍ ମାଇଣ୍ଡ୍‌ସ ଅଫ୍ ଟୁମୋରୋ'

ନୂଆଦିଲ୍ଲୀ, ୧୮/୬ (ନି.ପ୍ର): ସମ୍ମାନଜନକ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ଅନ୍ୟତମ ବିଶେଷ ଆକର୍ଷଣ ଠାରୁ ଆରମ୍ଭ କରି ମୁମ୍ବାଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଏମ୍‌ଆଇ ଏଫ୍‌ଏଫ୍)ରେ ପରଦାର ଶୋଭା ବୃଦ୍ଧି କରିବା ପର୍ଯ୍ୟନ୍ତ, ଦେଶର ଉଦୀୟମାନ ଯୁବ ପ୍ରତିଭା, '୭୫ କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରୋ' (ସିଏମ୍‌ଓଟି) କଳାତ୍ମକ ଉତ୍କର୍ଷତାର ଏକ ପ୍ରେରଣାଦାୟୀ ଯାତ୍ରା ଅତିକ୍ରମ କରିଛନ୍ତି । ଏମ୍‌ଆଇଏଫ୍‌ଏଫ୍‌ର ୧୮ତମ ସଂସ୍କରଣରେ ଏହି ଆକାଂକ୍ଷୀ ଯୁବ ଚଳଚ୍ଚିତ୍ର ନିର୍ମାତାଙ୍କ କିଛି ଆକର୍ଷଣୀୟ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ, ଯେଉଁଥିରେ ଗୋଆର ୫୪ତମ ଆଇଏଫ୍‌ଏଫ୍‌ଆଇରେ ଶ୍ରେଷ୍ଠ ସିଏମ୍‌ଓଟି ଚଳଚ୍ଚିତ୍ରର ବିଜେତା 'ଓଡିଏଟ୍' ମଧ୍ୟ ଅନ୍ତର୍ଭୁକ୍ତ । ଆଲମ୍ ହେଉଛି ଜଣେ ଆତ୍ମଗ୍ଲାନିରେ ପରିପୂର୍ଣ୍ଣ ବ୍ୟକ୍ତିଙ୍କ କାହାଣୀ, ଯିଏ ପ୍ରକୃତି ବିଷୟରେ ଚିନ୍ତା କରନ୍ତି ନାହିଁ । ଖୁବ୍ ଶୀଘ୍ର ବୃକ୍ଷ, ବାୟୁ, ଜଳ ଓ ବଜ୍ରପାତ ଭଳି ସମସ୍ତ ତତ୍ତ୍ୱ ତାଙ୍କୁ ସାମ୍ନା କରି ଅନୁଭବ କରାଇଥାନ୍ତି ଯେ ତାଙ୍କ କାର୍ଯ୍ୟ କେବଳ ପ୍ରକୃତିକୁ ପ୍ରଭାବିତ କରେ ନାହିଁ, ବରଂ ତାଙ୍କ ଆଖପାଖରେ ଥିବା ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ । ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି ଯେ, ମହାମାରୀ ପରବର୍ତ୍ତୀ ବିଶ୍ୱରେ ବରିଷ୍ଠ ବୈଜ୍ଞାନିକ ଜାକର୍ତ୍ତା ଜଳ ସଂକଟ ମଧ୍ୟରେ ଆଶା ଓ ନିରାଶା ସହ ସଂଘର୍ଷ କରୁଛନ୍ତି । ବିଶୁଦ୍ଧ ଜଳର ଶେଷ ଉତ୍ସକୁ ନେଇ ଧମକ ଦେଉଥିବା ଏକ ନିଷ୍ଠୁର ଗୋଷ୍ଠୀକୁ ସମ୍ମୁଖୀନ ହେବା ସମୟରେ, ଏକ ଦୁଃଖଦାୟକ ମୁକାବିଲା ଏକ ଅପ୍ରତ୍ୟାଶିତ ସହଯୋଗୀକୁ ପ୍ରକଟ କରେ, ଯାହା ଏକ ନିର୍ଜନ ପରିବେଶରେ ବିଶ୍ୱାସ ଏବଂ ଅଭିନବତା ପୁନରୁଦ୍ଧାର କରିବା ପାଇଁ ଏକ ମାର୍ମିକ ଯାତ୍ରା ଆରମ୍ଭ କରେ । ଚାର୍ଲ୍ସ ଟ୍ରେନେଟଙ୍କ ଏକ ଗୀତ ଉପରେ ଆଧାରିତ । ଚଳଚ୍ଚିତ୍ରର କାହାଣୀ ଜଣେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦୁର୍ଦ୍ଦଶାକୁ ପ୍ରଦର୍ଶିତ କରେ, ଯିଏ ସମୁଦ୍ର କୂଳରେ ତାଙ୍କ ଡଙ୍ଗା ରଖିବା ପାଇଁ ସ୍ଥାନ ପାଆନ୍ତି ନାହିଁ ଏବଂ ତାଙ୍କ ଡଙ୍ଗାକୁ ସହର ଭିତରକୁ ନେବା ପାଇଁ ସାହାରା ନେଇଛନ୍ତି । ଏହି ଚଳଚ୍ଚିତ୍ରରେ ଏକ ବିଷାକ୍ତ ସମ୍ପର୍କକୁ ଦର୍ଶାଯାଇଛି ଯାହା ଭାଙ୍ଗିବା ଅବସ୍ଥାରେ ଅଛି, ଯାହା ମଣିଷ ଏବଂ ପ୍ରକୃତି ମଧ୍ୟରେ ଖରାପ ହେଉଥିବା ସମ୍ପର୍କକୁ ପ୍ରତିଫଳିତ କରେ । କିନ୍ତୁ କିଛି ଉପାୟ ଅଛି କି? ପ୍ରକୃତି ଉପରେ ମାନବ ପ୍ରଜାତିର ଉତ୍ପୀଡନ କାରଣରୁ ବିଷାକ୍ତ ବାୟୁ ସୃଷ୍ଟି ହେବା ଯୋଗୁଁ ସୃଷ୍ଟି ହୋଇଥିବା ପରବର୍ତ୍ତୀ ପ୍ରଭାବକୁ ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ରଟି ଏକ ଛୋଟ ଝିଅ ଏବଂ ଏକ ଉତ୍ତମ ଭବିଷ୍ୟତ ପାଇଁ ତା'ର ଆଶା ବିଷୟ ଉପରେ ପର୍ଯ୍ୟବସିତ । '୭୫ କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରୋ' ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ଅଭିନବ ପ୍ରୟାସ, ଯେଉଁଥିରେ ଦେଶର ଯୁବ ସିନେ ପ୍ରତିଭାମାନଙ୍କୁ ଚିହ୍ନଟ କରିବା, ପ୍ରୋତ୍ସାହିତ କରିବା ଏବଂ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରତିଭା ବିକାଶ ଅଭିଯାନର ଏକ ଅଂଶ ଭାବରେ ପ୍ରତିଯୋଗୀମାନେ ଅନ୍ତର୍ଜାତୀୟ ମଂଚରେ ଚଳଚ୍ଚିତ୍ର ନିର୍ମାଣରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି ।

ବୁଧବାର, ଜୁନ୍ ୧୯, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମାଙ୍କଡା ଓ ମୋରମ ଖଣି ବେଆଇନ୍ ଚାଲାଣ : କାର୍ଯ୍ୟାନୁଷ୍ଠାନ ଦାବି କଲେ ୫ପଞ୍ଚାୟତବାସୀ

ଖଇରା, ୧୮/୬ (ନି.ପ୍ର): ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରର ସରକାରୀ ଜମିରେ ବ୍ୟାପକ ଧରଣର ବେଆଇନ ମାଙ୍କଡା ଓ ମୋରମ ଚାଲାଣ କରାଯାଉଛି । ବିଶେଷ କରି ନିର୍ବାଚନ ଆଚରଣ ବିଧି ଆରମ୍ଭ ଦିନଠାରୁ ଅଧିକାରୀ ମାନଙ୍କ ବ୍ୟସ୍ତତାର ସୁଯୋଗ ନେଇ ଖଣି ମାଫିଆ ମାନେ ପାଖାପାଖି ୧୫ଦିନ ମଧ୍ୟରେ ୫୦ଏକରରୁ ଉର୍ଦ୍ଧ ଜମିରୁ ମାଙ୍କଡା ଓ ମୋରମ ଚାଲାଣ କରି ରାଜସ୍ୱ ଲୁଟ କରି ଚାଲିଛନ୍ତି । ତୁରନ୍ତ ଏହା ଉପରେ ପ୍ରଶାସନ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଡପୋଖରୀ, କୁପାରୀ, ରଟିଣା, ହରିପୁର, ବାଉଁଶଗଡିଆ ପଞ୍ଚାୟତବାସୀଦାବୀ କରିଛନ୍ତି । କୁପାରୀ ଜୋନର ବିଭିନ୍ନ ସରକାରୀ ଜମିରେ ମାଙ୍କଡା ଓ ମୋରମ ଗଚ୍ଛିତ ଥିବା ବେଳେ ଏବେ ଗତ ୧୫ବର୍ଷରୁ ଉର୍ଦ୍ଧ ସମୟ ଧରି ନିଲାମ ବନ୍ଦ ରହିଛି । ହେଲେ ମାଫିଆ ମାନେ କିଛି ପ୍ରଶାସନିକ କର୍ମଚାରୀଙ୍କୁ ହାତବାରିଶି କରି ସରକାରୀ ଜମି ଗୁଡିକୁ ମନଇଚ୍ଛା ବ୍ୟବହାର କରି ଦୈନିକ ଶହ ଶହ ଟ୍ରିପ ମାଙ୍କଡା ଓ ମୋରମ ଚାଲାଣ କରୁଛନ୍ତି । ମାଫିଆ ମାନେ ଖଇରା ତହସିଲ ଓ ଥାନାର କିଛି କର୍ମଚାରୀଙ୍କୁ ନିଜ ଅଧୀନରେ ରଖି ଅଧିକାରୀ ମାନଙ୍କ ଯାତାୟାତ ବିଷୟରେ ମାଫିଆମାନେ ସୁଚନା ନେଉଥିବାର ଅଭିଯୋଗ ହୋଇଛି । ଯାହାଫଳରେ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚିବା ପୁର୍ବରୁ ମାଫିଆ ମାନେ ପାଓ୍ୱାର ଟିଲର ଓ ଟ୍ରାକ୍ଟର ଧରି ଲୁଚି ଯାଉଥିବା ଅଭିଯୋଗ ହୋଇଛି । କୁପାରୀ ଜୋନର ବରପଦା,କୁପାରୀ କଲେଜ ପଛପଟ,ଧାନଘରପଦା, ଗଡପୋଖରୀ,ହରିପୁର ଇତ୍ୟାଦି ଗ୍ରାମ ନିକଟସ୍ଥ ସରକାରୀ ଜମିରୁ ମାଙ୍କଡା ମୋରମ ଖୋଳି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ କରୁଛନ୍ତି । ଏ ସମ୍ପର୍କରେ ଖଇରା ତହସିଲଦାର ସବ୍ୟସାଚୀ ଜେନା ଙ୍କୁ ଯୋଗାଯୋଗ କରିବାରେ ସେ ଚଢାଉ ପାଇଁ ଘଟଣାସ୍ଥଳରେ ପହଞ୍ଚିବା ପୁର୍ବରୁ ଲୁଟେରାମାନେ ଖସି ପଳାଉଥିବାରୁ ଧିବା ସମ୍ଭବ ହେଉନାହିଁ । ନିର୍ବାଚନ ପରେ ଏବେ ସମୟ ଦେଖି ଚଢାଉ କରାଯିବା ପାଇଁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି ।

# ନିଶା କାରବାରକୁ ନେଇ ଯୁବକଙ୍କୁ ହତ୍ୟା

## ହତ୍ୟା ଅଭିଯୋଗ ଆଣିଲେ ପରିବାର, ଥାନାରେ ମାମଲା: ୩ ଅଟକ

ଖୋର୍ଦ୍ଧା, ୧୮/୬ (ନି.ପ୍ର): ଦୀର୍ଘଦିନର ନୀରବତା ପରେ ପୁଣି ନିଶା କାରବାର କୁ ନେଇ ଜଣେ ଯୁବକଙ୍କ ହତ୍ୟା ହୋଇଛି । ବନ୍ଧୁ ସାଜିଲା ହତ୍ୟାକାରୀ ନିଶା କାରବାର ଓ ନିଶା ଖାଇବାକୁ ନେଇ ଯୁବକକୁ ହତ୍ୟା କଲେ ଯୁବକର ବନ୍ଧୁ । ଖୋର୍ଦ୍ଧା ଆଦର୍ଶ ଥାନା ସାମନ୍ତରାପୁର ରେ ଯୁବକକୁ ହତ୍ୟା ହୋଇଥିବା ଅଭିଯୋଗ । ମୃତକ ହେଲେ ମନୋଜ ସେଠୀ (୨୪) । ନିଶା ଖାଇବା ଓ ବ୍ୟବସାୟ କରିବାକୁ ଅମଙ୍ଗ ହେବାରୁ ହତ୍ୟା କରିଥିବା ଅଭିଯୋଗ ପରିବାର ଲୋକ ଆଣିଛନ୍ତି । ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଘଟଣାସ୍ଥଳରେ ପହଁଚି ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି ।

ସୂଚନା ଅନୁସାରେ, ପୂର୍ବରୁ ସାଙ୍ଗ ସାଥୀ ହୋଇ ନିଶା ଖାଇବା ଓ ବ୍ୟବସାୟ କରିବା ଯୁବକକୁ ମହଙ୍ଗା ପଡିଛି । ଖୋର୍ଦ୍ଧା ଆଦର୍ଶ ଥାନା ସାମନ୍ତରାପୁର ଅଂଚଳ ନିଶା କାରବାର କୁ ନେଇ ପୂର୍ବରୁ ଅନେକ ଥର ଚର୍ଚ୍ଚାରେ ରହିଆସିଥିବା ବେଳେ ଆଜି ଜଣେ ଯୁବକର ଜୀବନ ନେଇଛି ଏହି ନିଶା କାରବାର । ସାମନ୍ତରାପୁର ଅଂଚଳର ମନୋଜ ସେଠୀଙ୍କୁ ହତ୍ୟା କରାଯାଇଥିବାର ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଆଜି ମନୋଜଙ୍କ ମୃତ ଦେହକୁ କିଛି ଯୁବକ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଛାଡି ପଳାଇଥିଲେ । ସେଠାରେ ପରିବାର ଲୋକେ ପହଁଚିବା ବେଳକୁ ମନୋଜକୁ ଡାକ୍ତର ମୃତ ଘୋଷଣା କରିଥିଲେ । ମନୋଜର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ଏହା ଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ମନୋଜ ପୂର୍ବରୁ ନିଶା କାରବାରକୁ ନେଇ ଜେଲ ଲାଇଥିବା ବେଳେ ସେ କିଛିଦିନ ତଳେ ଜେଲରୁ ବାହାରିଥିଲା । ତେବେ ପୁଣି ଥରେ ମନୋଜକୁ ତାର ସାଙ୍ଗମାନେ ନିଶା ଖାଇବା ଓ ନିଶା କରବାର କରିବାକୁ ବାଧ୍ୟ କରିବାକୁ ନେଇ ଏହି ହତ୍ୟା କାଣ୍ଡ ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ।

ଖୋର୍ଦ୍ଧା ସହରରେ ଦିନକୁଦିନ ଧଳା ଜହର କାରବାର ବଢ଼ିବାକୁ ଲାଗିଥିବା ବେଳେ ଏହାର ପେଣ୍ଠସ୍ଥଳୀ ପାଲଟିଛି ସାମନ୍ତରାପୁର ଅଂଚଳ । ଏଠାରୁ ଏକାଧିକ ଥର ବ୍ରାଉନସୁଗାର ଜବତ ହେବାର ନଜିର ରହିଛି । ସେହିପରି ମନୋଜ ଓ ତାର ବନ୍ଧୁ ମାନେ ବସୁଥିବା ଏକ ନିକାନ୍ତ ସ୍ଥାନରୁ ନିଶା ଖାଇବାରେ ବ୍ୟବହାର ହେଉଥିବା କିଛି ସାମଗ୍ରି ଜବତ ହୋଇଛି । ସେମାନେ ଏଠାରେ ନିୟମିତ ନିଶା ସେବନ କରିବା ସହିତ ନିଶା କାରବାର ମଧ କରୁଥିବାର ଅଭିଯୋଗ ହୋଇଛି । କିଛିଦିନ ହେବ ପୋଲିସ ନିଶା କାରବାର ଓ ନିଶା ଖାଇବାକୁ ନେଇ କୌଣସି ପଦକ୍ଷେପ ନେଉନଥିବାରୁ ନିଶା ବ୍ୟବସାୟୀଙ୍କ ପାଦୁର୍ଭାବ ବଢିଥିବା ଲୋକେ ଅଭିଯୋଗ କରିଛନ୍ତି । ପୋଲିସ ଓ ଅବକାରୀ ବିଭାଗର ର ପାଟ୍ରୋଲିଙ୍ଗ କୋହଳ ଯୋଗୁ ନିଶା କାରବାର ବହୁଳ ମାତ୍ରାରେ ବଢ଼ିବାରେ ଲାଗିଛି । ତେବେ ଏଥିରେ ଲଗାମ ଲଗାଇବାକୁ ସାଧାରଣରେ ଦାବି ହୋଇଛୀ । ପୋଲିସ ମେଡିକାଲରୁ ମୃତଦେହକୁ ଜବତ କରି ଶବ ବ୍ୟବଛେଦ ପାଇଁ ପଠାଇଛି । ମନୋଜଙ୍କ ମାଆଙ୍କ ଅଭିଯୋଗ କ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମୀକ୍ଷା ବୈଠକ ଅନୁଷ୍ଠିତ




ନୀଳଗିରି , ୧୮/୬ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାପରିଷଦ ବୈଠକ ନୀଳଗିରି ବନମାଳୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଗତ ବିଧାନସଭା ଓ ଲୋକସଭା ନିର୍ବାଚନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଆଗାମୀ ଦିନରେ ପାର୍ଟିକୁ କିପରି ଅଧିକ ସୁଦୃଢ କରାଯାଇ ପାରିବ ସେ ସମ୍ପର୍କରେ କେନ୍ଦ୍ର କମିଟି ସଦସ୍ୟ ଆଶିଷ କାନୁନଗୋ ସାଥିମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ବାଲେଶ୍ୱର ପାତ୍ରପଡା ଓ ଭୁଜାଖିଆପୀର ନିକଟରେ ଡ୍ରେନପାଣିରେ ଲାଲରଙ୍ଗ ବହିଯାଉଥିବା ଦେଖି କିଛି ହିନ୍ଦୁ ସଂଗଠନର କର୍ମୀ ନାପସନ୍ଦ କରି ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ । ପରେ ଅନ୍ୟ ଗୋଷ୍ଠୀ ଦ୍ୱାରା ଉକ୍ତ ଘଟଣାକୁ କେନ୍ଦ୍ର କରି ଗଢିଉଠି ଥିବା ଦଙ୍ଗାରୁ ସହରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏନେଇ ସହରରେ କର୍ଫ୍ୟୁ ଜାରି ରହିଛି । ଉକ୍ତ ଘଟଣାରେ ସହରବାସୀ କ୍ଷାନ୍ତ ରହିବାକୁ ସିପିଆଇ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ପ୍ରେସ ଜରିଆରେ ଅନୁରୋଧକରିଛନ୍ତି । ଉକ୍ତ ବୈଠକରେ ବରିଷ୍ଠ ସଦସ୍ୟ କୈଳାସ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମାୟାଧର ନାୟକ, ପୂର୍ବତନ ଉତ୍କଳ ମହିଳା ରାଜ୍ୟ ସମ୍ପାଦିକା ପ୍ରଭାବତୀ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଯତୀନ ପାତ୍ର, ଦୟାନିଧି ଜେନା, ବିଜୟ କୁମାର ସ ଉପସ୍ଥିତ ଥିଲେ ।

## ବେକରେ ରସି ଲଗାଇ ଯୁବକଙ୍କ ଆତ୍ମହତ୍ୟା



ନୀଳଗିରି , ୧୮/୬ (ନି.ପ୍ର): ନୀଳଗିରି ଥାନା ଦକ୍ଷିଣ ନରସିଂହପୁର ପଞ୍ଚାୟତ ସାମରାୟପୁର ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ରାଉତଙ୍କ ପୁଅ ବାୟା ରାଉତ(୩୫) ଗତ ସୋମବାର ବିଳମ୍ବିତ ରାତିରେ ନିଜ ଘାରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଗତ କିଛିଦିନ ପୂର୍ବରୁ ମୁକ୍ତିକାନ୍ତ( ବାୟା )ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଯୋଗୁଁ ସ୍ତ୍ରୀ ନିଜର ଦୁଇ ପୁଅଙ୍କ ସହିତ ବାପଘରକୁ ପଳାଇ ଯାଇଥିବା ବେଳେ ବାୟା ଘରେ ଏକୁଟିଆ ରହୁଥିଲେ । ଅଧିକାଂଶ ସମୟରେ ମଦ ଖାଇ ମାତାଲ୍ ଅବସ୍ଥାରେ ରହିଥିବାର ଅଞ୍ଚଳବାସୀ କହିଛନ୍ତି । ତେବେ ସ୍ତ୍ରୀ ଓ ପୁଅ ପାଖରେ ରହୁନଥିବା ସହିତ ପାରିବାରିକ ଅଶାନ୍ତି ପାଇଁ ମାନସିକ ଭାରସାମ୍ୟ ହରାଇ ଏଭଳି କରିଥାଇ ପାରନ୍ତି ବୋଲି ସୂଚନା ମିଳିଛି । ପୋଲିସ୍ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହିତ ନୀଳଗିରି ମେଡିକାଲକୁ ଆଣି ବ୍ୟବଛେଦ କରିବା ପରେ ଗ୍ରାମ ଶ୍ମଶାନରେ ଦାହ ସଂସ୍କାର କରାଯାଇଥିବା ବେଳେ ନୀଳଗିରି ଥାନାରେ ୨୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାଯାଇଛି ।

## ବଜରଙ୍ଗ ଦଳ ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୧୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବଜରଙ୍ଗ ଦଳ ଶାଖା ତରଫରୁ ଜମ୍ମୁ କାଶ୍ମୀର ରିଆସି ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କୁ ନିନ୍ଦା କରି ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଜମ୍ମୁ କାଶ୍ମୀରର ବୈଷ୍ଣୋଦେବୀ କଟରାରୁ ଶିବଖୋଳି ଯିବା ସମୟରେ ରିଆସି ଠାରେ ହିନ୍ଦୁ ଶ୍ରଦ୍ଧାଳୁଙ୍କ ଉପରେ ଗତ ୯ ତାରିଖ ରେ ଜିହାଦି ଆତଙ୍କବାଦୀ ମାନେ ଆତ୍ମଘାତୀ ଆକ୍ରମଣ କରିଥିଲେ । ଯାହା ଫଳରେ ୧୦ ଜଣ ତୀର୍ଥଯାତ୍ରୀ ପ୍ରାଣ ହରାଇଛନ୍ତି । ଦେଶରେ ସାଂପ୍ରତିକ ସମୟରେ ନୂଆ ସରକାର ଶପଥ ଗ୍ରହଣ ସମୟରେ ଆତଙ୍କବାଦୀଙ୍କ ଏଭଳି ଅମାନୁଷିକ କାର୍ଯ୍ୟ ଦେଶପ୍ରତି ଏକ ବିଦ୍ରୋହର ଆହ୍ୱାନ ସଦୃଶ ସନ୍ଦେସ ପାଲଟିଛି । ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରଫରୁ ଏହାକୁ ନିନ୍ଦା କରିବା ସହ ଆତଙ୍କବାଦୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମହାମହିମ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।

## ଜିଲ୍ଲାସ୍ତରୀୟ ଟେବୁଲଟପ୍ ଏକସରସାଇଜ - ୨୦୨୪



ଭଦ୍ରକ, ୧୮/୬ (ନି.ପ୍ର):ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭଦ୍ରକ ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକସରସାଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ମନୋଜ ପାତ୍ର , ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତନ୍ମିତା କର ଏବଂ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ମୟୁରେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବନ୍ୟା, ବାତ୍ୟା ପ୍ରବଣ ଉପକୂଳ ଜିଲ୍ଲା ଭଦ୍ରକର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ଆଲୋଚନା ଓ ନିର୍ଦ୍ଦେଶାନୁଯାୟୀ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ସମ୍ବନ୍ଧରେ ପିପିଟି ଜରିଆରେ ବୈଠକରେ ଉପସ୍ଥାପନ କରିଥିଲେ । ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଅଚାନକ ଆସିଥାଏ । ପୂର୍ବରୁ ପ୍ରସ୍ତୁତି ଓ ଅଭ୍ୟାସ ବିନା ତାର ମୁକାବିଲା ସମ୍ଭବ ନୁହେଁ । ପୁଣି ସେହି ବିପଦ ସମୟରେ ଧନ ଜୀବନର ସୁରକ୍ଷା ପାଇଁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ, ଲୋକପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ୍, ଅଗ୍ନିଶମ, ଯୋଗାଣ, ପୂର୍ତ୍ତ, ଆର୍.ଡ଼ି., ବିଦ୍ୟୁତ୍, ଜଙ୍ଗଲ, ମହିଳା ଓ ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ପ୍ରାଣୀ ଚିକିତ୍ସା, ମତ୍ସ୍ୟ, ଆର୍.ଡ଼ବ୍ଲ୍ୟୁ.ଏସ୍.ଏସ୍., ଜନସ୍ୱାସ୍ଥ୍ୟ, କୃଷି, ଡ଼ି.ଡ଼ବ୍ଲ୍ୟୁ.ଓ. ପ୍ରଭୃତି ପ୍ରମୁଖ ବିଭାଗ ଦ୍ୱାରା ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି, ଦାୟିତ୍ୱ, ମାନବ ସମ୍ବଳ ପରିଚାଳନା, ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷର ପରିଚାଳନା ଆଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆବଶ୍ୟକ ଅନୁଯାୟୀ ବିଭିନ୍ନ ଦିଗରେ ଅଧିକ ସଜାଗ ଓ ଉପଯୋଗ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟକି ଜୁନ୍ ୧୯ରେ ବିପର୍ଯ୍ୟୟ ମୁକାବିଲା ନେଇ ଜିଲ୍ଲାର ସମସ୍ତ ୧୦୫ଟି ବାତ୍ୟାଶ୍ରୟରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ସରକାରଙ୍କ ଦୃଷ୍ଟି ଆଢୁଆଳରେ ଦ୍ୱାରିକେଶ୍ୱରୀ ପୀଠ

ଲଙ୍ଗଳେଶ୍ୱର , ୧୮/୬ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି ସ୍ଥିତ ଦେବୀ ଦ୍ୱାରିକେଶ୍ୱରୀଙ୍କ ପୂର୍ଣ୍ଣାଙ୍ଗ ମନ୍ଦିର ର ନିର୍ମାଣ ଅଦ୍ୟାବଧି ହୋଇ ନ ପାରିବା ବିଡମ୍ବନା ବୋଲି ଏବେ ସଧାରଣରେ ଆଲୋଚନା ହେଉଛି । ପୂର୍ବ ସରକାରର ୫ଟି ଯୋଜନା ଏଠାରେ କାର୍ଯ୍ୟକାରୀ ହୋଇ ନାହିଁ । କେବଳ ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହାର ଯାହା କିଛି ଉନ୍ନତି ହୋଇଛି । ନୂଆ ସରକାର ଏହି ପ୍ରାଚୀନ ଦେବୀ ପୀଠର ଉନ୍ନତି ପାଇଁ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି କରାଯାଇଛି । ଏହି ପୀଠ ଏବେ ବି ଅବହେଳିତ ଅବସ୍ଥାରେ ରହିଛି । କିମ୍ବଦନ୍ତୀ ଅନୁସାରେ , ବାଲିଆପାଳ ର ଐତିହାସିକ ଦୁର୍ଗ ଦେଉଳା କାନ୍ଥିର ଅଧିଶ୍ୱରୀ ଦେବୀ ଥିଲେ ଦ୍ୱାରିକେଶ୍ୱରୀ । ଦୁର୍ଗ ର ପତନ ପରେ ଠାକୁରାଣୀ ଙ୍କୁ ବିଧର୍ମୀ କଳାପାହାଡ଼ ଭୟରେ ଭକ୍ତମାନେ ସମୁଦ୍ରକୁ ନିକ୍ଷେପ କରିଥଲେ । ମାତ୍ର ଦ୍ୱାରିକେଶ୍ୱରୀ ନିଜର ଲୀଳା ପ୍ରକଟ ତଥା ଭକ୍ତମାନଙ୍କ ଉଦ୍ଧାର ପାଇଁ ସମୁଦ୍ର କୂଳରେ ଏକ ଅଶ୍ୱତଥ ଗଛ ମୂଳରେ ସ୍ୱୟଂ ପ୍ରକଟ ହୋଇଥିଲେ । ପ୍ରାୟେ ଦେଢ଼ ଶହ ବର୍ଷ କିମ୍ବା ତାହା ଠାରୁ ଅଧିକ ବର୍ଷର ହେଉ ଛନ୍ତି ଏହି ଠାକୁରାଣୀ । ମା ' ଙ୍କର ମୁଖ୍ୟ ଭୋଗ ହେଉଛି କ୍ଷୀରି ଭୋଗ । ପୂର୍ବେ ଠାକୁରାଣୀଙ୍କ ଚତୁଃ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଥିଲା ।ଏହାର ପ୍ରଥମ ପୂଜକ କିଏ ତାହା ଅଦ୍ୟାବଧି ଜଣା ଯାଇ ନାହିଁ । ଠାକୁରାଣୀଙ୍କ ମୁଖ୍ୟ ପର୍ବ ହେଉଛି ଚଇତି ପର୍ବ । ସ୍ଥାନୀୟ ପ୍ରତାପପୁର ଗ୍ରାମର ସ୍ୱର୍ଗତ ପଦ୍ମଲୋଚନ ସାହୁ ମା ' ଙ୍କ ମହିମାରେ ମୁଗ୍ଧ ହୋଇ ଘରଟିଏ ତୋଲାଇ ଥିଲେ ।୨୦୦୯ ମସିହାରେ ତତ୍କାଳୀନ ବିଧାୟକ ଜୟନାରାୟଣ ମହାନ୍ତି ତାଙ୍କ ଉନ୍ନୟନ ପାଣ୍ଠିରୁ ଅର୍ଥ ବ୍ୟୟ କରି ଚାଲ ଘରକୁ ମନ୍ଦିର ରୂପ ଦେଇ ଥିଲେ । ଏବେ ତାହା ମଧ ଭାଙ୍ଗି ରୁଜି ଗଲାଣି । ମନ୍ଦିରକୁ ଲାଗି କରି ଦ୍ୱାରିକା ସାପ୍ତାହିକ ହାଟ ବସେ । ହାଟ ସନ୍ଧ୍ୟାରୁ ଆରମ୍ଭ ହୋଇ ମଧ ରତ୍ରି ପର୍ଯ୍ୟନ୍ତ ଚାଲେ । ପାନ ଓ ମାଛ ହାଟ ପାଇଁ ଏହା ପ୍ରସିଦ୍ଧ । ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତି ପୀଠର ଉନ୍ନତି ପାଇଁ ଆଗେଇ ଆସିଲେ ଏହା ଏକ ପୂର୍ଣ୍ଣାଙ୍ଗ ମନ୍ଦିରର ରୂପ ନେଇ ପାରନ୍ତା । ପୀଠ କୁ ଯିବା ପାଇଁ ଭଲ ରାସ୍ତା ଟିଏ ନାହିଁ ।ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆ ଯାଇ ପାରନ୍ତା । ଠାକୁରାଣୀଙ୍କ ଜାହିରା ଥିବାରୁ ବର୍ଷ ତମାମ୍ ଏଠାରେ ଭକ୍ତଙ୍କ ଭିଡ ଲାଗି ରହିଥାଏ । ରାତ୍ରି ରହଣି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ମାନେ ବାଧ ହୋଇ ଫେରି ଯାଆନ୍ତି । ନିକଟରେ ବଙ୍ଗୋପ ସାଗର ଥିବାରୁ ଯାତ୍ରୀମାନେ ସମୁଦ୍ରରେ ଗାଧୋଇବାର ମଜା ନେଇ ପାରନ୍ତେ । ବାଲେଶ୍ୱର ସାଂସଦ ଓ ବସ୍ତା ବିଧାୟିକା ଏଥି ପ୍ରତି ଦୃଷ୍ଟି ଦେବାକୁ ସଧାରଣ ରେ ଦାବି ହୋଇଛି ।



## ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଶିକ୍ଷକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୮/୬ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଦିନିକିଆ କେନ୍ଦ୍ରାପଡା ଗସ୍ତ ଅବସରରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଂଗଠନ ପକ୍ଷରୁ କର୍ମକର୍ତ୍ତା ମାନେ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ, ଆଜି ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ଉପ ସଭାପତି ଧନେଶ୍ୱର ପାତ୍ର, ଜିଲ୍ଲା ସହ ସଂପାଦକ ସେକ ମନସୁର ଅଲ୍ଲୀ, ପଟ୍ଟାମୁଣ୍ଡାଇ ବ୍ଲକ ସଂପାଦକ କରୁଣାକର ଭଳ, ପିଷ୍ଟା ଜିଲ୍ଲା ସଭାପତି ଦିବାକର ବାରିକ, ସଂପାଦକ ପ୍ରଭଞ୍ଜନ ରାଉତ, ବିଭୁ ପ୍ରସାଦ ନାୟକ ଓ ବିପିନ ବିହାରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋଗିନୁଆଗାଁରେ ଝୁମର ସହିଦ ବାବୁରାମ ମହାନ୍ତଙ୍କ ୪୩ ତମ ବଳିଦାନ ଦିବସ ପାଳିତ

ବଡ଼ସାହି, ୧୮/୬ ଗୋରାମ ଟିଭି ପକ୍ଷରୁ ଝୁମର ସହୀଦ ବାବୁରାମ ମହାନ୍ତଙ୍କର ୪୩ ତମ ସ୍ମୃତି ଦିବସ ଯୋଗୀନୁଆଁଗାଁ ଗ୍ରାମ ପଂଚାୟତର ସଭାଗୃହ ଠାରେ ଝୁମର ଗବେଷକ ଏବଂ ଲେଖକ ଡ଼ଃ ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ସହୀଦ ବାବୁରାମ ମହାନ୍ତଙ୍କର ଏହି ୪୩ ତମ ସ୍ମୃତି ଦିବସରେ ମୁଖ୍ୟ ଅତିଥି ଭାବରେ ଉତ୍କଳ ବାଳାଶ୍ରମର ସଂଗୀତ ଶିକ୍ଷୟିତ୍ରୀ ଓଡିଶା ସରକାରଙ୍କ ଦ୍ୱାରା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଝୁମର ରାଣୀ ବିନ୍ଦୁମତୀ ମହାନ୍ତ କହିଲେ ଯେ ଛଉର ଜନନୀ ହେଉଛି ଝୁମର, ଝୁମର ସଂଗୀତ ନ ହେଲେ ଛଉର ଅସ୍ତିତ୍ୱ ରହିବ ନାହିଁ । ତେଣୁ, ଝୁମର ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ବିଶିଷ୍ଟ ଅତିଥି ଭାବରେ ଯୋଗଦାନ କରି ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଦୀପକ କୁମାର ପାତ୍ର କହିଲେ ଝୁମର ସଂସ୍କୃତି ଏକ ମହାନ ସଂସ୍କୃତି, ଏହି ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ । ସମ୍ମାନିତ ଅତିଥି ଭାବରେ ଭାବରେ ଯୋଗିନୁଆ ଗ୍ରାମ ପଞ୍ଚାୟତର ୩ ନମ୍ବର ଓ୍ୱାର୍ଡର ଓ୍ୱାର୍ଡ ମେମ୍ବର ରୀନାରାଣୀ ମହାନ୍ତ କହିଲେ ସ୍ୱର୍ଗତ ବାବୁରାମ ମହାନ୍ତଙ୍କର ଜନ୍ମ ଯୋଗିନୁଆଗାଁ ଗ୍ରାମ ପଞ୍ଚାୟତରେ ହୋଇଥିବାରୁ ଆଗାମୀ ଦିନରେ ଆୟୋଜକ ଜୟ ଗୋରାମ ଟିଭିକୁ ପୂର୍ଣ୍ଣମାତ୍ରାରେ ସହଯୋଗ ଦିଆଯିବ । ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଯୋଗଦାନ କରି ଓଡିଶା ସରକାରଙ୍କ ସଂସ୍କୃତି ବିଭାଗର ସହଯୋଗରେ ସରକାରୀ ଭାବରେ ପ୍ରତି ବର୍ଷ କିପରି ଝୁମର ସହିଦ ବାବୁରାମ ମହାନ୍ତଙ୍କ ତିରୋଧାନ ଦିବସ ପାଳନ କରାଯିବ ସେଥିପାଇଁ ଝୁମର ସହିଦ ବାବୁରାମ




ମହାନ୍ତ ଙ୍କର ଦୟାଦ ତଥା ଗ୍ରାମବାସୀ ମାନେ ଚେଷ୍ଟା କରିବା ଆବଶ୍ୟକ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ହରିମୋହନ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, ଟିକି ମହାନ୍ତ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ବାବୁରାମ ମହାନ୍ତଙ୍କର ସ୍ମୃତି ଚାରଣ କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ୧୯୮୨ ମସିହାରେ ପ୍ରସିଦ୍ଧ ଝୁମର ଶିଳ୍ପୀ ବାବୁରାମ ମହାନ୍ତ ଝୁମର ଗୀତ ଗାଉଥିବା ସମୟରେ ଝୁମର ଆସର ମଧ୍ୟରେ ପ୍ରାଣ ତ୍ୟାଗ କରିଥିଲେ । ତାଙ୍କର ଜୀବନ ଦୀପ ଝୁମର ଆଖଡ଼ା ମଝିରେ ଚାଲିଯାଇ ଥିଲା । ଝୁମର ପାଇଁ ସେ ସହିଦ ହୋଇ ଯାଇଥିଲେ । ଅଧ୍ୟକ୍ଷୀୟ ଭାଷଣ ପ୍ରଦାନ କରି ଡ଼କ୍ଟର ରମାକାନ୍ତ ମହାନ୍ତ କହିଲେ ଯେ ଝୁମର ସଂସ୍କୃତି ପାଇଁ ପ୍ରାଣ ବଳି ଦେଇଥିବା ସ୍ୱର୍ଗତ ବାବୁରାମ ମହାନ୍ତଙ୍କର ସାଥୀ କଳାକାର ମାନେ ଆଜି ପର୍ଯ୍ୟନ୍ତ କଳାକାର ଭତ୍ତା ନ ପାଇବା ଅତି ଦୁଃଖ ଏବଂ ପରିତାପର ବିଷୟ ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଝୁମର ସଂସ୍କୃତିର ସୁରକ୍ଷା, ପ୍ରଚାର ପ୍ରସାର ବିକାଶ ପାଇଁ ବାବୁରାମ ମହାନ୍ତ ଝୁମର ମଞ୍ଚରେ ମରିଗଲେ କିନ୍ତୁ ତାଙ୍କର ସ୍ମୃତି ରକ୍ଷାପାଇଁ ସରକାରୀ ବା ବେସରକାରୀ ସ୍ତରରେ ଆଜି ପର୍ଯ୍ୟନ୍ତ କେହି କିଛି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଜୟ ଗୋରାମ ଟିଭି ପକ୍ଷରୁ ସ୍ୱର୍ଗତ ବାବୁରାମ ମହାନ୍ତଙ୍କର ବିଧବା ପତ୍ନୀ ମକରି ମହାନ୍ତଙ୍କୁ ଏକ ହଜାର ଟଙ୍କା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ଝୁମରରାଣୀ ବିନ୍ଦୁମତୀ ମହାନ୍ତ ଏବଂ ଝୁମର ବିଶାରଦ ଲାଲ ମୋହନ ମହାନ୍ତଙ୍କୁ ଝୁମର ଶହୀଦ ବାବୁରାମ ମହାନ୍ତ ସ୍ମୃତି ପୁରସ୍କାର ପ୍ରଦାନ ପୂର୍ବରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କାର୍ଯ୍ୟକ୍ରମର ଆୟୋଜକ ତଥା ଜୟ ଗୋରାମ ଟିଭିର ନିର୍ଦ୍ଦେଶକ କବି ମନୋଜ କୁମାର ମହାନ୍ତ । ଧନ୍ୟବାଦ ଅର୍ପଣ କରିଥିଲେ ତରଣୀକାନ୍ତ ମହାନ୍ତ । ଶେଷରେ ଝୁମରରାଣୀ ବିନ୍ଦୁମତୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଲକ୍ଷ୍ମୀମଣି ମହାନ୍ତଙ୍କ ସମେତ ସମସ୍ତ ଗ୍ରାମବାସୀ ମାନେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ।

## ଭଦ୍ରକରୁ ନିର୍ବାଚିତ ବିଧାୟକ ଓ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୧୮/୬ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି ଭଦ୍ରକ ପକ୍ଷରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଶ୍ରୀଯୁକ୍ତ ସୀତାଶୁଂ ସେଖର ମହାପାତ୍ର, ଧାମନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଉଚ୍ଚଶିକ୍ଷା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବରେ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ, ଭଣ୍ଡାରିପୋଖରୀରୁ ବିଧାୟକ ଭାବେ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ଲୋକସଭା ଆସନରୁ ସାଂସଦ ଭାବରେ ନିର୍ବାଚିତ ହୋଇଥିବା ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀଙ୍କୁ ଶ୍ରୀ ଜଗନ୍ନାଥଙ୍କ ନାମାବଳୀ ଓ ଉତ୍ତରୀୟ ସହ ଅଭିନନ୍ଦନ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ମୁଖ୍ୟ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁ ସହ ପରିଚ୍ଛଳକ ସୁଦର୍ଶନ ପଣ୍ଡା, ଲକ୍ଷ୍ମୀଧର ଖଟୁଆ, ଦୈତାରୀ ଦିକ୍ଷିତ୍, ଡଃ. ପ୍ରତାପ କୁମାର ପଣ୍ଡା ପ୍ରମୁଖ ଏକ ପ୍ରତିନିଧି ଦଳ ଏଥିରେ ସହାୟତା କରିଥିଲେ । ଭଦ୍ରକ ଜିଲ୍ଲାର ସାମଗ୍ରୀକ ବିକାଶ ଦିଗରେ ଉଦ୍ୟମ ଅବ୍ୟହତ ରଖିବା କ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ସଦା ସହାୟକ ହୋଇଥାନ୍ତୁ ବୋଲି କାମନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo